ଉତ୍ସର୍ଗ-ପତ୍ର ।

ଉତ୍କଳମଣ୍ଡନ ବିପ୍ରକୁଳ-ଚୂଡ଼ାମଣି,
ଆଚାର୍ଯ୍ୟ ଶ୍ରୀ ବାଳୁକେଶ ମିଶ୍ର ଗୁଣମଣି ।
ଶୁଭକ୍ଷଣେ ଜନ୍ମ ତବ ହିନ୍ଦୋଳ ରାଜ୍ୟରେ,
କୃଷ୍ଣଚନ୍ଦ୍ରପୁରବାସି-ହାରୀତ କୁଳରେ ।
ସୁଦାମା ଭକ୍ତଙ୍କ ପରି ଶୈଶବ ଜୀବନେ,
ଘୂରୁ ଘୂରୁ ଭେଟିଥିଲ ସୁଯୋଗ୍ୟ ବ୍ରାହ୍ମଣେ ।
ସେହି ସିଦ୍ଧେଶ୍ୱର ସିଦ୍ଧ ଗୁରୁଙ୍କ ସେବାରୁ,
ଅଜ୍ଞାନ ତିମିର ନାଶି ହୋଇଛ ସୁବିଜ୍ଞ ।
ଆୟୁର୍ବେଦ ପାଠେ ଗୁରୁ-ଉପଦେଶ ମାନି,
ଗମିଲ ସେକାଳେ କଲିକତା ରାଜଧାନୀ ।
ବାକ୍ୟଦେବୀ ପ୍ରସାଦରୁ ବକ୍ତା-ବଖାଣୀ-
ହେଲ, ପୁଣି କମଳାଙ୍କ ବରେ ସୁଧାପାଣି ।
ଗୁରୁଭକ୍ତ ସଦାଚାର ସୁକର୍ମୀ ଯେ ଜନ,
ଲକ୍ଷ୍ମୀ ସରସ୍ୱତୀଙ୍କର ସେ ପ୍ରିୟ-ନନ୍ଦନ ।
ତେଣୁ ତୁମ୍ଭେ ଭିଷକ୍‌ରତ୍ନ ବୈଦ୍ୟରାଜମଣି,
ଧନ-ଜନ-ଗୋପ-ଲକ୍ଷ୍ମୀ-ଐଶ୍ୱର୍ଯ୍ୟର ଖଣି ।
ସୁମୁହୂର୍ତ୍ତେ ବିଜେ କରି କଟକ ନଗରେ,
ପିତୃକୁଳ ଦରିଦ୍ରତା ତାଡ଼ିଲ ସତ୍ୱରେ ।
ଉତ୍କଳରେ ଦରିଦ୍ରତା ଚିର ସହଚର,
ରୋଗ ଶୋକ ପରିତାପ ଦୁର୍ଭିକ୍ଷ ନିକର ।
ନିଜର ଉଦାର ଗୁଣେ ମୁଷ୍ଟିଯୋଗ ଧରି,
ଆଶ୍ୱାସି ଆତୁର ଜନେ ହେଲ ଧନ୍ୱନ୍ତରି ।

Digitized by srujanika@gmail.com

ଦେଖୁଁ ଦେଖୁଁ ସ୍ବର ଆଜେ ସଣ୍ଡଯାଏଁ ଦୂର,
କଟକ-ଉଦୟାଚଳେ ବଜେ ବୈଦ୍ୟ ସୂର ।
ଗୁଣଲୁବ୍ଧା ବନ୍ଧୁ ପ୍ରିୟ ହୋଇଲେ ବରଦା,
ଆଦର୍ଶ ବିଦ୍ୟାଭବନ ରଚିଲେ ସାରଦା ।
ଦରିଦ୍ରଙ୍କୁ ଅନ୍ନଦାନ, ଅତିଥି ସେବନ,
ଗୁଣିଜନେ ସମାଦର, ଦେବତା ଅର୍ଚ୍ଚନ,
ରୋଗିଙ୍କୁ ଔଷଧ ନିତ୍ୟ କର ବିତରଣ,
ବିଦ୍ୟାର୍ଥିଙ୍କୁ ପୁତ୍ରବତ ଶାସନ ପାଳନ ।
ସଦା ମୁକ୍ତ ଥାଏ ତବ 'ଆରୋଗ୍ୟ-ଭବନ'
ଯହିଁ ଦୁଃଖି-ସୁଖିଙ୍କର ସମାନ ଆସନ ।
ସର୍ବଜନ ପ୍ରିୟ ତେଣୁ ହୋଇଛ ଉତ୍କଳେ,
କରୁଣା-ବରୁଣାଳୟ ବଳମେ ସଙ୍ଗରେ ।
ତବ ଶିଷ୍ୟେ ଆୟୁର୍ବେଦେ ହୋଇଣ ନିପୁଣ,
ଦେଶ ଦେଶାନ୍ତରେ ରଖି ପ୍ରକାଶନ୍ତି ଗୁଣ ।
ଏକାମ୍ରେ ବିଦ୍ୟାଭୂଷଣ ନାମ ପାଠାଗାରେ,
ଦୈବଯୋଗେ ତୁମ୍ଭ ଦେଖା ହେଲନ୍ତି ଯେକାଳେ ।
ତଦବଧି ସୁହୃଦ୍ଭାବ ଅମୃତ ଯୋଗରେ,
ବାନ୍ଧି ରଖିଅଛ ନିଜ ଉଦାର ଗୁଣରେ ।
ସେଯୀଜନ୍ୟ ସୁଯଶ ଗୁଣେ ହୁଅ ଚିରଜୀବୀ,
ଅନ୍ତେ ଶାନ୍ତି-ଧାମ ଲଭ ହରିପଦ ସେବି ।
ଆଜ ଏ ଅକିଞ୍ଚନର ସୁଶାନ୍ତି-ଜଗତ—
'ଶାନ୍ତି-ଗୀତା' ଶାନ୍ତିପ୍ରିୟ ! କରନ୍ତୁ ଗ୍ରହଣ ।

ତା ୧—୩—୨୭ } ସ୍ନେହାଧୀନ
କଟକ । } ଶ୍ରୀ ବାସୁଦେବ ରଥଶର୍ମ୍ମା ।

Digitized by srujanika@gmail.com

ଭୂମିକା

ମହାଭାରତ ଯୁଦ୍ଧର ପ୍ରାରମ୍ଭକାଳରେ ମହାବୀର ଅର୍ଜ୍ଜୁନଙ୍କୁ ଯୁଦ୍ଧକ୍ଷେତ୍ରରେ ହଠାତ୍ ବିଷଣ୍ଣ ଏବଂ ଶୋକ-ସନ୍ତପ୍ତମାନସ ଦେଖି ଭଗବାନ୍ ଶ୍ରୀକୃଷ୍ଣ ଯେ କେତୋଟି ତତ୍ତ୍ୱୋପଦେଶ ପ୍ରଦାନପୂର୍ବକ ଯୁଦ୍ଧରୂପ କର୍ତ୍ତବ୍ୟ ମାର୍ଗରେ ପ୍ରବୃତ୍ତ କରାଇଥିଲେ ସେହି ସବୁ ତତ୍ତ୍ୱମାନଙ୍କ ନିଗୂଢ଼ ମର୍ମ ଗ୍ରହଣ ବିଷୟରେ ଅର୍ଜ୍ଜୁନ ଏକପ୍ରକାର ବଞ୍ଚିତ ହୋଇ, କେବଳ ଭଗବାନ୍‌ଙ୍କର ସେହି ଅଦ୍ଭୁତ ମାୟା ଦ୍ୱାରା ବିଶ୍ୱରୂପଦର୍ଶନରେ ବିସ୍ମିତ ବିମୋହିତ ଏବଂ ଜୟୀ ହେବା ଆଶାରେ ବିପକ୍ଷ-ପକ୍ଷ-କ୍ଷୟ କାରଣେ ଶୋକ ସମ୍ବରଣ କରି ଯୁଦ୍ଧରେ ମାତି ଉଠିଲେ । କିନ୍ତୁ ସେତେବେଳେ ସେ ପ୍ରକୃତ ବିଶୋକ-ଅନ୍ତଃକରଣରେ ଯୁଦ୍ଧପ୍ରବୃତ୍ତ ହୋଇଥିଲେ କି ନାହିଁ ସନ୍ଦେହ ? କାରଣ, ଯେତେବେଳେ ଘୋରଯୁଦ୍ଧରେ ସ୍ୱପକ୍ଷୀୟ ପୁଣି ଆତ୍ମଜ ବାଳକ ଅଭିମନ୍ୟୁର ନିଧନବାର୍ତ୍ତା ଶୁଣିପାରିଲେ ସେତେବେଳେ ସେ ପୁନଶ୍ଚ ଅତ୍ୟନ୍ତ ଶୋକାଭିଭୂତ ହୋଇ ପଡ଼ିଲେ; ଏପରି ଦେଖି ପୁନର୍ବାର ଭଗବାନ୍ ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ ପୂର୍ବୋପଦିଷ୍ଟ ତତ୍ତ୍ୱ-ବିଷୟ ଭୁଲିଥିବା ଏବଂ ଦେହାତ୍ମବୁଦ୍ଧି ହେତୁ ପୁତ୍ରଶୋକରେ ନିମଗ୍ନ ହେବାର ଜାଣି ନିଷ୍କାମ ଆତ୍ମଜ୍ଞାନର ସମ୍ୟଗ ବୋଧ ନିମନ୍ତେ ଯେଉଁ ସାନ୍ତ୍ୱନାପୂର୍ଣ୍ଣ ତତ୍ତ୍ୱସାର ଉପଦେଶ ଦେଇଥିଲେ ଏବଂ ଯାହା କି ଅର୍ଜ୍ଜୁନଙ୍କ ଶୋକ-ସନ୍ତାପାନଳରେ ଶାନ୍ତିବାରି ସେଚନ କରିଥିଲା, ତାହାହିଁ ଶାନ୍ତିଦାୟିନୀ 'ଶାନ୍ତିଗୀତା' ବା ଆତ୍ମଜ୍ଞାନପ୍ରବୋଧିକା ।

ଏହି ଗୀତାରେ ଜୀବ ଓ ପରଂବ୍ରହ୍ମର ଏକତା ସମ୍ପାଦନ-ବିଷୟକ 'ତତ୍ତ୍ୱମସି' ମହାବାକ୍ୟର ଯଥାର୍ଥ ବ୍ୟଞ୍ଜକ ଆତ୍ମତତ୍ତ୍ୱବୋଧରୂପ ଅଦ୍ୱୈତଜ୍ଞାନପ୍ରତିପାଦକ ସେହି ଅଖଣ୍ଡ ପୂର୍ଣ୍ଣ ବ୍ରହ୍ମ ଚୈତନ୍ୟ ଈଶ୍ୱରଙ୍କ ସମସ୍ତ ବିଷୟ ବିଶଦରୂପେ ବର୍ଣ୍ଣିତ ହୋଇଅଛି ।

• ଶାନ୍ତିଗୀତା

Digitized by srujanika@gmail.com

ଏହି ଗୀତା ସୁଗୁପ୍ତା ଥିଲେହେଁ ଅର୍ଜୁନଙ୍କ ପ୍ରପୌତ୍ର ନୃପଶ୍ରେଷ୍ଠ ଜନମେଜୟଙ୍କ ତନୟ ଶତାନୀକ ମହାରାଜଙ୍କୁ ଏକଦା ସମାଗତ ଶାନ୍ତ-ବ୍ରତ ଋଷି ବୁଝାଇ ପ୍ରଚ୍ଛର କରିଥିଲେ । ଏହି ଗୀତା ସପ୍ତ ଅଧ୍ୟାୟରେ ପରିସମାପ୍ତ । ଏହା ପାଠକଲେ ସଂସାରୀ ଶୋକସାଗରରୁ ଉତ୍ତୀର୍ଣ୍ଣ ଏବଂ ଭବ-ବନ୍ଧନରୁ ମୁକ୍ତ ହୋଇ ନିଶ୍ଚୟ ଶାନ୍ତିଲାଭ କରିବ । ସ୍ୱୟଂଭଗବାନ୍ ଏହି ଗୀତାର ୭ମ ଅଧ୍ୟାୟରେ କହିଅଛନ୍ତି;—

"ଶାନ୍ତିଗୀତାମିମାଂ ପାର୍ଥ ମଦ୍ୟୁକ୍ତାଂ ଶାନ୍ତିଦାୟିକାଂ
ଯଃ ଶୃଣୁୟାତ୍ ପଠେଦ୍‌ବାପି ମୁକ୍ତଃସ୍ୟାଦ୍ ଭବବନ୍ଧନାତ୍ ।୪୮।
ନ କଦାଚିତ୍ ଭବେତ୍ତୁ ଦୋହିପି ମୋହିତୋ ମମ ମାୟୟା
ଅଜ୍ଞାନାତ୍ ଶୋକଶାନ୍ତି ର୍ଭବେଦ୍‌ଗୀତାପ୍ରସାଦତଃ" । ୪୯ ।

ଉତ୍କଳ ଭାଷାରେ ଅନେକାନେକ ଗୀତା ଦେଖାଯାଉଥିଲେହେଁ ଏପ୍ରକାର ଗୀତାର ଏକାନ୍ତ ଅଭାବ ପରିଲକ୍ଷିତ ହୁଏ । ଏହା ଭଗବଦ୍-ଗୀତାଠାରୁ କଠିନ ପ୍ରାୟ; ବେଦାନ୍ତବିତ୍ ତତ୍ତ୍ୱଦର୍ଶୀମାନଙ୍କର ବୋଧଗମ୍ୟ ଯେ ତାହାକୁ ମାଦୃଶ ଅଜ୍ଞ ନିଜ ମାତୃଭାଷାରେ ପଦ୍ୟାନୁବନ୍ଧ କରି ଲେଖିବା ନିତାନ୍ତ ବିଡ଼ମ୍ବନା ।

ଏହି ଗୀତାରେ କେତେକ ପ୍ରାମାଣିକ ଶବ୍ଦ ପ୍ରୟୋଗ ଥିବାରୁ ଏହା ସହଜବୋଧ୍ୟ ନ ହେଲେହେଁ ଶାନ୍ତିଫଳଆଶାରେ ନିତ୍ୟ ପାଠ୍ୟରୂପେ ବ୍ୟବହାର୍ଯ୍ୟ । ସହୃଦୟ ପାଠକବର୍ଗ ! ଏହି କ୍ଷଣଭଙ୍ଗୁର ସଂସାରରେ ଶାନ୍ତିଲିପ୍ସୁ ହୋଇ ଏ ଗୀତା ପାଠକଲେ ସଫଳ ଶ୍ରମ ହେବ ।

ପରିଶେଷରେ ବକ୍ତବ୍ୟ ଯେ; ବହୁଦର୍ଶୀ ବୃଦ୍ଧ ପଣ୍ଡିତ ଶ୍ରୀ ହିତେଶ୍ୱର ତର୍କସିଦ୍ଧାନ୍ତ, ପଣ୍ଡିତ ଶ୍ରୀଗଦାଧର ରଥ ଶର୍ମ୍ମା ଏବଂ ପଣ୍ଡିତ ଶ୍ରୀ ଶ୍ରୀଧରନନ୍ଦ କାବ୍ୟ-ବ୍ୟାକରଣ-ବେଦାନ୍ତୋପାଧ୍ୟାୟ ମହାଶୟମାନେ ଏହାର ପାଣ୍ଡୁଲିପି ପଢ଼ି କେତେକସ୍ଥଳର ସଂଶୋଧନ ପୂର୍ବକ ଅଭିମତ ପ୍ରକାଶ କରିଥିବାରୁ ସେମାନଙ୍କଠାରେ ମୁଁ ଚିରକୃତଜ୍ଞ । ଇତି ।

ତା ୧ । ୪ । ୧୯୨୭ — କଟକ ।

ଶାନ୍ତିଭିକ୍ଷୁ—
ଶ୍ରୀ ବାସୁଦେବ ରଥଶର୍ମ୍ମା ।

Digitized by srujanika@gmail.com

ମନ୍ତବ୍ୟ ।

ପଣ୍ଡିତ ଶ୍ରୀଯୁକ୍ତ ବାସୁଦେବ ରଥ କାବ୍ୟତୀର୍ଥ ମହାଶୟଙ୍କ ପ୍ରଣୀତ ଶାନ୍ତିଗୀତା ମୁଁ, ପର୍ଯ୍ୟାଲୋଚନା କରି ଦେଖିଲି, ଗ୍ରନ୍ଥଟି ସରଳ-ପଦ୍ୟରେ ରଚିତ ହୋଇଅଛି । ଏଥିରେ ଭଗବାନ୍ ଶ୍ରୀକୃଷ୍ଣ ରଣନିହତ ଅଭିମନ୍ୟୁଙ୍କ ଶୋକରେ ଅସ୍ଥିରମନା ଅର୍ଜ୍ଜୁନଙ୍କୁ କର୍ତ୍ତବ୍ୟପଥରେ ନିଯୁକ୍ତ କରିବା ସକାଶେ ବେଦାନ୍ତର ଅଦ୍ୱୈତବାଦ ଓ ପୂର୍ବ କଥିତ ଗୀତାର ନାନାବିଧ ନିଗୂଢ ଦୃଷ୍ଟାନ୍ତଛଳରେ ଜଗତର ନଶ୍ୱରତ୍ୱ ପୁନର୍ବାର ବୁଝାଇଥିବା ବିଷୟ ଶାନ୍ତିବ୍ରତ ମହର୍ଷି, ବିଜପୁର ଶତାନୀକଙ୍କ ସଙ୍ଗରେ ପ୍ରକାଶ କରିଅଛନ୍ତି । ଏହା ଆଧ୍ୟାତ୍ମିକ ଜ୍ଞାନୀମାନଙ୍କର ଆଦରଣୀୟ ହେବ । ଏଥିରେ ଭାଷା ସରଳ, ମାତ୍ର ବିଷୟମାନ କଠିନ; ଏଣୁ ସାଧାରଣ ବୁଝିବା ସକାଶେ ଚିନ୍ତାସାପେକ୍ଷ । ଆଶା କରିଯାଏ, ଶିକ୍ଷିତ ସମାଜ ଏହାକୁ ଆଦରର ସହିତ ଗ୍ରହଣ କରି ରଚୟିତା ମହାଶୟଙ୍କ ଶ୍ରମ ସଫଳ କରିବେ । ଇତି ।

ତା ୨୩ । ୮ । ୨୭

ବଶମ୍ବଦ
ଶ୍ରୀ ସିଦ୍ଧେଶ୍ୱର ତ୍ରିପାଠୀ ତର୍କସିଦ୍ଧାନ୍ତ;
ପଣ୍ଡିତ
ରାଜସଭା
ହିଣ୍ଡୋଳ—
ଗଡ଼ଜାତ ।

Digitized by srujanika@gmail.com

ଅଭିମତ ।

କାବ୍ୟତୀର୍ଥୋପାଧିକ ପଣ୍ଡିତ ଶ୍ରୀ ବାସୁଦେବ ରଥ ଶର୍ମ୍ମାଙ୍କ ପ୍ରଣୀତା ଅବଶ୍ୟ-ଶାନ୍ତି-ବିଧାୟିନୀ "ଶାନ୍ତି-ଗୀତା" ନାମ୍ନୀ ପୁସ୍ତିକା ଅଦ୍ୟୋପାନ୍ତ ସମନୋଯୋଗ ପାଠ କରି ଅତିଶୟ ପ୍ରୀତ ହେଲି । ଏହା ବିଷୟ ବିରାଗୀର ପରମ ତୃପ୍ତିଦାୟିନୀ ହେବ । ଆସକ୍ତ ସଂସାରୀ-ମନୋମଧ୍ୟରେ ପ୍ରପଞ୍ଚର ନଶ୍ୱରତା ସୂଚନା ପୂର୍ବକ, ଐଶୀ ସମ୍ପଦ୍ ପ୍ରଦାୟିକା ହେବ ।

ଏହା, ଅଲଙ୍କାର ସୁଖକର ନୋହିଲେ ହେଁ, ବିଶେଷଜ୍ଞ ବା ବସ୍ତୁଦର୍ଶୀର ହୃଦୟ-ହାରିଣୀ ହେବ । ଅଳ୍ପ ସାଧକ ଏଥିରୁ ତୃପ୍ତିଲାଭ କରି ନ ପାରିବେ କିନ୍ତୁ ସିଦ୍ଧ ସାଧକର ଏହା, ତୁଷ୍ଟି-ପ୍ରଦା ହେବ ।

ପରିଶେଷରେ ବକ୍ତବ୍ୟ ଯେ, ବିଷୟ-ଗୌରବ ଦୃଷ୍ଟିରେ ଭାଷାର ସାରଲ୍ୟ ରକ୍ଷିତ ହୋଇଥିଲେ ଏହା ସକଳ ସୁଖ ସେବିତା ହୋଇ ଥାଆନ୍ତା । ଏହି ଗୀତା ସମସ୍ତଙ୍କ କର୍ତ୍ତୃକ ଗୃହୀତା ହେଲେ ଲେଖକର ଶ୍ରମ ସଫଳ ହେବ । ଅଳଂ ବିସ୍ତୁନା ।

ଭୁବନେଶ୍ୱର କ୍ଷେତ୍ର ବାସ୍ତବ୍ୟ—
ଶ୍ରୀ ଗଦାଧର ରଥ ଶର୍ମ୍ମା
ଜ୍ୟୋତିର୍ବିଦାଗ୍ରଣ୍ୟ ।
ପଣ୍ଡିତ ପି; ଏମ; ଏ;

ତା ୨୯ । ୯ । ୧୯୨୭ କଟକ ।

Digitized by srujanika@gmail.com

ଶାନ୍ତିଗୀତା ।

ମଙ୍ଗଳାଚରଣ ।

ଶାନ୍ତାୟାବ୍ୟକ୍ତରୂପାୟ ମାୟାଧାରାୟ ବିଷ୍ଣବେ ।
ସ୍ୱପ୍ରକାଶାୟ ସତ୍ୟାୟ ନମୋଽସ୍ତୁ ବିଶ୍ୱସାକ୍ଷିଣେ । ୧ ।
ବାଣୀ ଯସ୍ୟ ପ୍ରକଟୟତି ପରଂ ବ୍ରହ୍ମତତ୍ତ୍ୱଂ ସୁଗୂଢ଼ଂ,
ମୁକ୍ତୀଚ୍ଛୂନାଂ ଗମୟତି ପଦଂ ପୂର୍ଣ୍ଣମାନନ୍ଦରୂପଂ ।
ବିଭ୍ରାନ୍ତାନାଂ ଶମୟତି ମତିଂ ବ୍ୟାକୁଳାଂ ଭ୍ରାନ୍ତମୂଳାଂ,
ବ୍ରହ୍ମାତ୍ମୈକ୍ୟଂ ବଦୟତି ପରଂ ଶ୍ରୀଗୁରୁଂ ତଂ ନମାମି । ୨ ।

ଅହେ ନାରାୟଣ ! ତୁମ୍ଭେ ପରାତ୍ପର
ଶାନ୍ତ ଅବ୍ୟକ୍ତ-ସ୍ୱରୂପ,
ମାୟାର ଆଶ୍ରୟ ସ୍ୱୟଂ ଯେ ପ୍ରକାଶ
ଶ୍ରୀକୃଷ୍ଣ ସତ୍ୟ-ସ୍ୱରୂପ ।
ବିଶ୍ୱସାକ୍ଷୀ ଯେଣୁ ଅଚଳ ଅନନ୍ତ
ସଚ୍ଚିଦାନନ୍ଦ-ନିଦାନ,
ଅନ୍ତର୍ଯ୍ୟାମୀ ନାଥ ପରମାତ୍ମା ପ୍ରଭୁ,
ନମସ୍ତେ କରଇଁ ଧ୍ୟାନ । ୧ ।
ଅତ୍ୟନ୍ତ ସୁଗୂଢ଼ ପରଂବ୍ରହ୍ମ ତତ୍ତ୍ୱ
ଯେହୁ କରନ୍ତି ପ୍ରକାଶ,
ମୁମୁକ୍ଷୁଗଣଙ୍କୁ ପୂର୍ଣ୍ଣାନନ୍ଦ ରୂପ-
ପଦ ପ୍ରାପ୍ତିରେ ଉଲ୍ଲାସ;

Digitized by srujanika@gmail.com

ଶାନ୍ତଗୀତା ।

ବିଭ୍ରାନ୍ତ ଜନର ଭ୍ରାନ୍ତିମୂଳ ଛେଦେ
କରନ୍ତି ଯେ ଶାନ୍ତିଦାନ,
ବ୍ରହ୍ମ ଆତ୍ମା ଏକ- ଜ୍ଞାନ ସେ ଶ୍ରୀଗୁରୁ-
ଚରଣେ କରେଁ ପ୍ରଣାମ । ୧ ।

ଅବତରଣିକା ।

ବିଖ୍ୟାତ ପାଣ୍ଡବ ବଂଶେ ନୃପଶ୍ରେଷ୍ଠ
ଥିଲେ ସେ ଜନମେଜୟ,
ମହାରାଜ ମହା- ମତ ଶତାନୀକ
ହୋଇ ତାହାଙ୍କ ତନୟ ।
ଦିନେ ସେ ଅମାତ୍ୟ- ମିତ୍ର ବନ୍ଧୁବର୍ଗେ
ହୋଇଣ ପରିବେଷ୍ଟିତ
ମାଗଧ, ସୂତ, ବନ୍ଦି- ଆଦି ସ୍ତୁତିରେ
ହେଉଥିଲେ ଯେ ବନ୍ଦିତ ।
ଇନ୍ଦ୍ରତୁଲ୍ୟ ଶୋଭା ପାଉଥିଲେ ବସି
ଦିବ୍ୟ ରାଜ-ସିଂହାସନେ,
ବାକ୍ୟ ବିଶାରଦ- ପଣ୍ଡିତ ମଣ୍ଡଳୀ-
ସଙ୍ଗେ ରସ ଆଳାପନେ ।
ଏସନ ସମୟେ ପ୍ରସନ୍ନାତ୍ମା ଶ୍ରୀମାନ୍
ମହାତପାଃ ଶାନ୍ତିବ୍ରତ
ଅତ୍ୟନ୍ତ ତେଜସ୍ୱୀ ସେହୁ ତପୋନିଷ୍ଠ
ଋଷି ହେଲେ ସମାଗତ ।
ଋଷିଙ୍କ ଦର୍ଶନେ ପାତ୍ର ମନ୍ତ୍ରିଗଣେ
ହର୍ଷ-ଉତ୍ଫୁଲ୍ଲମାନସ,
ଭକ୍ତିଭାବ ଧରି ଗାତ୍ରୋତ୍ଥାନ କରି
ପ୍ରଣାମ କଲେ ଅଶେଷ ।

Digitized by srujanika@gmail.com

ନୃପତି ବଚନ   ଛାଡ଼ି ସିହାସନ
ବିନୟ-ନମ୍ର ଭାବରେ
ଋଷି-ପାଦତଳେ   ନତ ଭକ୍ତିଭରେ
ଯଥାଯୋଗ୍ୟ ସମାଦରେ ।

ସ୍ୱର୍ଣ୍ଣ-ସିଂହାସନେ   ବସାଇ ସମ୍ମାନେ
ପାଦ୍ୟ ଅର୍ଘ୍ୟ ସଂପ୍ରଦାନ
ଯଥୋଚିତ ପୂଜା   ସତ୍କାର କରନ୍ତେ
ପ୍ରସନ୍ନାତ୍ମା ମହାମୁନି ।

ସେହି ଦର୍ଭାସନେ   ସମାସୀନ; ମନେ
ଲଭି ପରମ ସନ୍ତୋଷ
ବିନୀତ ସ୍ୱରରେ   ସୁମଧୁର ଗିରେ
ନୃପତି କଲେ ପ୍ରକାଶ ।

ହେ ତପସ୍ୱିବର !   ତପସ୍ୟା କୁଶଳ
ଅଛଇଟି କି ସତତ ?
ପୁଣି ଶାରୀରିକ   ସ୍ୱାସ୍ଥ୍ୟ ଅଲୌକିକ ?
ସୁଖ ପ୍ରଶ୍ନେ ଅନନ୍ତର—

ନୃପତି ବଚନ   ଶୁଣି ତପୋଧନ
ବୋଇଲେ ଅହେ ସୁଜନ !
ଯେ ସୁଖ ସର୍ବଦ   ଥିଲେ ସେହି ସୁଖ
ପ୍ରକୃତ ସମ୍ବନ୍ଧ,ଯେଣ ।

ତେଣୁ ହେ ସୁଜନ !   ତୁମ୍ଭର କୁଶଳେ
କୁଶଳ ଆମ୍ଭର ଜାଣ;
ରାଜ-ଶରୀରର   ସ୍ୱାଚ୍ଛନ୍ଦ୍ୟ ରାଜ୍ୟର-
କୁଶଳ କର ବଖାଣ ।

Digitized by srujanika@gmail.com

କହିଲେ ନୃପତି   ପ୍ରଶ୍ନେ ବ୍ରହ୍ମପତି !
ଯହିଁ ଏହି ତପୋମୂର୍ତ୍ତି —
ବିଜେ କରନ୍ତି   କୁଶଳ ସ୍ୱୟଂହି
ପ୍ରକାଶ କରେ ବିଭୂତି ।
ଭବଦୀୟ କ୍ଷେମ-   ମୂର୍ତ୍ତି, ଶୁଭଦୃଷ୍ଟି-
ପ୍ରସାଦେ ଦେବହେ ମୋହର
ସ୍ଥିତେ ସର୍ବ୍ବେ ଶୁଭ,   ସର୍ବ୍ବଦା ସୁଶାନ୍ତି,
ଏଥି ସନ୍ଦେହ ନ କର ।
ବିନୟାବନତ   ରାଜା ଶତାନୀକ
ପୁନଶ୍ଚ କରି ପ୍ରଣାମ
କୃତାଞ୍ଜଳି ପୁଟେ   ସାନନ୍ଦ ମନରେ
ପୁଛନ୍ତି ମୁନିସତ୍ତମ ।
ହେ ଦେବ ସୁମେଧା !   ତତ୍ତ୍ୱବାର୍ତ୍ତା-ସୁଧା
ଶୁଣିଛି ତବ ପ୍ରସାଦେ,
ସଂପ୍ରତି ସେ ତତ୍ତ୍ୱ   ସୁଧାସାର-ବାଣୀ
ଇଚ୍ଛେଁ ; ଶୁଣିବି ସାନନ୍ଦେ ।
ଶୁଣି କୃତକୃତ୍ୟ   ହୋଇବି ପବିତ୍ର
ସାଧ୍ୱୋତ୍ତମ ସେ ବଚନ
କୃପାକରି ମନେ   ଏହି ଦୀନଜନେ
ହେ ଦେବ ! କର କୀର୍ତ୍ତନ ।
ଶାନ୍ତିବ୍ରତ ଉବାଚ ।
ଶାନ୍ତିବ୍ରତ ମୁନି   କହିଥିଲେ ପୁଣି
ଶୁଣ ନୃପ ଶିରୋମଣି !
ନାମେ ଶାନ୍ତିଗୀତା   ହୋଇଛି ବିଖ୍ୟାତା
ସଦା ଶାନ୍ତି-ପ୍ରଦାୟିନୀ ।

Digitized by srujanika@gmail.com

ଏତ ଗୁହ୍ୟତମ ସାର ତତ୍ତ୍ୱପୂର୍ଣ୍ଣ-
ରସ ଅଛି ତହିଁ ଯାହା
ନହ୍ବୁଁ ବସ୍ତାର ଋଷ ହେଗୁକର
ଶୁଣି ନାହିଁ କେହି ତାହା ।
ମ୍ବେ ଅର୍ଜୁନର ଶୋକ ଶାନ୍ତି ପାଇଁ
ଭଗବାନ ବାସୁଦେବ
ଯେଉଁ ଉପଦେଶ ଦେଇଥିଲେ ତାହା
ସଂପ୍ରତି ପ୍ରକାଶ ହେବ ।
ବଦନେ ଗୁରୁଦେବ କୃପା କର ସର୍ବ
ସେ ସାରତତ୍ତ୍ୱ ପ୍ରଦାନ-
କରନ୍ତୁ, ମୁଁ ତାହା ସାନନ୍ଦେ ଗ୍ରହଣ-
କରି ରଖିବି ଯତନ ।
ଆଜ ତବ ସ୍ନେହେ ପ୍ରକାଶିବା ଅର୍ଥେ
ହେଲୁଁ ଏଥି ଉପସ୍ଥିତ ।
ଜ୍ଞାନ ଲିପ୍ସା ତବ ପୂରଣ ହୋଇବ
ଶୁଣ ଧୀରେ ଅବହିତ ।

ପ୍ରଥମ ଅଧ୍ୟାୟ ।

କୁରୁ ପାଣ୍ଡବର ତୁମୁଳ ସମର-
କାଳେ ପୁଣ୍ୟ କୁରୁକ୍ଷେତ୍ରେ
ପାଣ୍ଡବ ସୁନ୍ଦର ଅର୍ଜୁନ-କୁମର
ନିହତ ହେଲେ ଯେ ଦୂତେ ।

Digitized by srujanika@gmail.com

ପୁତ୍ର ଅଭିମନ୍ୟୁ ବୀର ବାଳଶ୍ରନ୍-
ଅସ୍ତ୍ରେ’ ପିତା ଶୋକାକୁଳ
ଦେଖି ଭଗବାନ ଶ୍ରୀ ମଧୁସୂଦନ
ବୋଧ କରନ୍ତି ବହୁଳ ।

ଶ୍ରୀ ଭଗବାନୁବାଚ ।

କହନ୍ତି ଶ୍ରୀକୃଷ୍ଣ ସଖେ ଅର୍ଜୁନ !
ଶୋକ କର କି କାରଣ ?
ପୂର୍ବ ଉପଦିଷ୍ଟ ଅମୃତ ବାକ୍ୟ
ହୋଇଅଛି ବିସ୍ମରଣ ।
ମୂଢ଼ ଲୋକ ପ୍ରାୟ ବିମୁଗ୍ଧ ହୋଇଛ
ଶୋକ-ସାଗରେ ମଗନ,
ଏ ମାୟା ସଂସାରେ ମିଥ୍ୟା ପଦାର୍ଥରେ
ହୁଏ, ଯେଉଁ ସତ୍ୟ ଜ୍ଞାନ-
ସେହି ପିନା ଏହି ଶୋକ ମୋହାଦିର
କାରଣ ଅଟଇ ଜାଣ,
ଶୋକ ପରିତ୍ୟାଗି ହୁଅ ସୁଖଭାଗୀ
ଅଟ ଧୀର ବୁଦ୍ଧିମାନ ।
ଏହି ମିଥ୍ୟା ଘୋର— ମାୟିକ ସଂସାରେ
କହିଅଛ ସତ୍ୟ ଜ୍ଞାନ,
ମମତା ଅବଦ୍ଧ— ଚିତ୍ତେ, ବିମୋହିତ !
ଦେଖି ରଖି ଅଭିମାନ ।
କିଏ ଅଟ ତୁମ୍ଭେ ! କିରୂପେ ଜନ୍ମିଲ
କିଏ ସେ ପୁତ୍ର କଳତ୍ର ?
ତାଙ୍କ ସ୍ନେହେ କିମ୍ପା ଅବଦ୍ଧ ହୋଇଛ
ବିସ୍ମରିଲ କ୍ଷଣମାତ୍ର ?

Digitized by srujanika@gmail.com

ମାୟାରୁ ସମ୍ଭୂତ ଯିନା ସର୍ବଭୂତ,
ଜୀବ ମାୟା-ବଶଂଗତ,
ସେ ଜୀବ ଅଜ୍ଞାତେ, ଭୁଞ୍ଜେ ନାନା ଦୁଃଖ
ଦେହାଭିମାନଯୋଗତଃ ।
ମାନସ-କଳ୍ପିତ ଏ ମିଥ୍ୟା ଜଗତ
ସତ୍ୟ ବୋଲି ମନେ କରି
ମନଃ-ଅନୁକୂଳ— ସୁଖ, ପ୍ରତିକୂଳ-
ଦୁଃଖ, ଭୋଗନ୍ତି ଅଦରି । ୭ ।

ଅନାଦି କାଳରୁ ଜୀବ ପରମ୍ପ-
ଭ୍ରମ ପ୍ରତ୍ୟୟ ସଂସାରେ
ସତ୍ୟ ଜ୍ଞାନ କରି ତମୋହୃତ ହୋଇ
ବନ୍ଧା ମମତା-ପାଶରେ ।
ମାନବ ଯେସନ ତ୍ୟଜି ପୁରାତନ—
ବସନ ଅବା ଭବନ
ଦ୍ରବ୍ୟ ଅଭିନବ ବସ୍ତ୍ର ଗୃହ ସର୍ବ
କରଇ ଅବଲମ୍ବନ ।
ଏ ଜୀବ ତେସନ ତ୍ୟଜି ଜରାଜୀର୍ଣ୍ଣ--
ଶରୀର, ବସ୍ତ୍ର ବନ୍ଧନ
ପୁଣି ମନୋହର ଭିନ୍ନ କଳେବର
ଅଚିରେ କରେ ଗ୍ରହଣ ।
ଅବସ୍ଥାର ପରି- ବର୍ତ୍ତନରୁ ହୁଏ
ପୂର୍ବ ଜ୍ଞାନର ଅଭାବ,
ତେଣୁ ପରିଣତ ଏହି ଦେହ ଯିନା
ନ ରହେ ପୂର୍ବର ଭାବ ।

Digitized by srujanika@gmail.com

ଯୌବନ ଉଦୟେ ବାଲ୍ୟଭାବ ଯଥା
ଶରୀରେ ଦେଖା ନ ଯାଏ ।
ଉଭ ଅବସ୍ଥାହିଁ ହେଲେ ଉପସ୍ଥିତ
ଦେହ ପରିଣତ ପାଏ ।
ଅତ୍ୟନ୍ତ ଅତୀତ କାଳେ ହେଲେ ଦୃଷ୍ଟ
ସେହୁତ ଚିହ୍ନା ନ ଯାଏ,
ଜ୍ଞାନ ବଳେ ସିନା 'ସେହୁତ ଏହୁ ଯେ'
ଏ ବିଶ୍ୱାସ କରୁଥାଏ ।
ଯେସନ ଦେହର ଯୌବନ ଆଗମେ
ପୂର୍ବର ବାଳୁତ ଭାବ
ନ ଦେଖିଣ ପିତା ଶୋକ ବା ବେଦନ
ନ କରେ, କରେ ଗୌରବ ।
ତେସନ ଅବସ୍ଥା- ନ୍ତର ପ୍ରାପ୍ତି ପରୁ
ଦେହାନ୍ତର ପ୍ରାପ୍ତି ଧ୍ରୁବ,
ମନେ ଏ ବିଚାର କର ଅହେ ବୀର !
ସଖେ ! ଶୋକ ପରିହର ।
ଅହେ ମହାବାହୋ ! ଭ୍ରାନ୍ତିବଶେ ଯଥା
ଶୁକ୍ତିରେ ରଜତ ଜ୍ଞାନ
ତଥା ଏ ଜଗତ ମିଥ୍ୟା ପ୍ରତିଭାସେ
କ୍ଷଣସ୍ଥାୟୀ ସେ ଅଜ୍ଞାନ ।
ସଂସ୍କାର ବଶରୁ ବୁଦ୍ଧି ପ୍ରଭବରୁ
ପୂର୍ବ ଦୃଷ୍ଟ ବୋଲି ଯାହା
ଶୁକ୍ତିକା ରଜତ ପଶ୍ଚାତେ ପ୍ରତୀତ
ହୋଇଥାଏ ଦେଖି ତାହା ।

Digitized by srujanika@gmail.com

ଶୁକ୍ତି ଅପେକ୍ଷିତ   ରଜତ ଦର୍ଶନ-
କର ଏ ଭ୍ରାନ୍ତ ମାନବ
ଲୋକେ ଅଦ୍ଭୁତ   ଗ୍ରହଣେ ଉଦ୍ୟତ
ତାହା ଯଥା ଅସମ୍ଭବ ।
ସେହି ଦ୍ରଷ୍ଟା ପୁଣି   ଭ୍ରାନ୍ତି-ନାଶ ପୂର୍ବେ
କାର୍ଯ୍ୟାନୁରୋଧେ, ଯଦ୍ୟପି
ସ୍ଥାନାନ୍ତରେ ଗତ   କର ଫେରେ ତଥି
ସେ ଭ୍ରମ ଥାଏ ଅଲୋପୀ ।
ବର୍ତ୍ତମାନ ଭୂତ   ପୁଣି ଭବିଷ୍ୟତ
ଶୁକ୍ତିରେ ରଜତ ସତ୍ତ୍ୱ
ଯେବେ ଏ ଅଭାବ   ତଥାପି ସେ ଭାବ
ନ ଛାଡ଼େ ମନୁ ଭ୍ରାନ୍ତତା ।
ତେଣୁ ବୁଦ୍ଧି ବଶେ   ରଜତ ଅଭାସେ
ସତ୍ୟଜ୍ଞାନେ ସେ ରଜତ—
କରଣ ଦର୍ଶନ,   ହୋଇ ହୃଷ୍ଟ ମନଃ
ଏ ସେହି ରଜତ ସତ !
ଶୁକ୍ତି ତତ୍ତ୍ୱଜ୍ଞାନ   ନୋହେ ଯେ ପର୍ଯ୍ୟନ୍ତ
ତାବତ ରଜତ ଭ୍ରମ
ନୋହେ ନିବାରଣ   ରଜତ ଦର୍ଶନ,
ଏ ବୁଦ୍ଧି ସଂସ୍କାର ଭ୍ରମ ।
ତେସନ ଏ ଦେହ   ଭାର୍ଯ୍ୟା, ପୁତ୍ର, ଗେହ
ତରୁସ୍ୱଜ ଧନମାନ
ଶୁକ୍ତି ରଜତତ   ତୁଲ୍ୟ ପରକାର
କଳ୍ପିତ, ମିଥ୍ୟାହିଁ ଜାଣ ।
ସୁଷୁପ୍ତିରେ ବୁଦ୍ଧି   ଅଜ୍ଞାନେ ବିଲୀନ
ହୁଅନ୍ତେ, ସେ ଯଥା ଦେଖେ

Digitized by srujanika@gmail.com

ଏ ଅନନ୍ତ ବିଶ୍ୱ   ସଂସାର ସମସ୍ତ
ନ ଥିବାର’ ମନେ ରଖେ ।
ଜାଗ୍ରତ ଅବସ୍ଥା   ହେଲେ ଉପଗତ
ମନଃ ହେଲେ ସମୁତ୍ଥିତ
ବିଶ୍ୱ ଚରାଚର   ସମସ୍ତ ସଂସାର
ପୁଣି ହୁଏ ପ୍ରକାଶିତ ।
ଏହି ହେତୁ ଶୁକ୍ତି   ରଜତର ପରି
ମନଃ କଳ୍ପିତ ସଂସାର
କେବଳ ସଦା ଭ୍ରାନ୍ତିକ   ମିଥ୍ୟା ବୋଲି
ଜାଣି ରଖ ଏ ଅସାର ।
ସୃଷ୍ଟି ପୂର୍ବେ ‘ସତ୍’   ଥିଲା ଏକା ମାତ୍ର
ନ ଥିଲେ ସେ କାଳେ କେହି
ଏହି ଦେଶ, କାଳ,   ଭୂତ, ଭୌତିକାଦି
ଅବର ପଦାର୍ଥ ଯେହି ।
ମାୟା ଶକ୍ତି ମିତ୍ର !   ହେଲେ ବିଜୃମ୍ଭିତ
ତହିଁରେଟି ଯେତେବେଳେ
ମାଲ୍ୟ ଭୁଜଙ୍ଗମ   ପରି ଏ ଜଗତ
ସମୁଦ୍ଭୂତ ତେତେବେଳେ ।
ଦେଶେ କାଳେ ପୁଣି   ଅବସ୍ଥା ବିଶେଷେ
ଭ୍ରାନ୍ତି ବଶେ ଯଥା ଜନ
ମାଳାରେ, ସର୍ପର   ଅକ୍ଷେପ କରଇ
ଜଗତ ଅଟେ ତେସନ । ୨୦ ।
ମାୟାର ପ୍ରଭାବେ   ସେହି ‘ସତ୍ୟ’ ହୁଏ
ବିଶ୍ୱାକାରେ ଉଦ୍ଭାସିତ
ତେଣୁ ଏ ଜଗତେ   ସେହି ସତ୍ୟ ମଧ୍ୟେ
ସର୍ବ ଜନ୍ୟ ବିଜୃମ୍ଭିତ ।

Digitized by srujanika@gmail.com

ଭୋକ୍ତା, ଭୋଗ, ଭୋଗ୍ୟ, କର୍ତ୍ତୃକର୍ମ ଯୋଗ୍ୟ-
କିମ୍ବା, ଜ୍ଞାତା, ଜ୍ଞେୟ, ଜ୍ଞାନ
ଏ ଆଦି ସମସ୍ତ ତହିଁ ପ୍ରକାଶିତ
ସ୍ୱପ୍ନ କଳ୍ପିତ ସମାନ ।

ମାୟାରୂପ ନିଦ୍ରା— ବଶେ ସ୍ୱପ୍ନ ତୁଲ୍ୟ
ଏ ସଂସାର ଜୀବତତ୍ତ୍ୱ
ହେଉଛି ପ୍ରଭାତ ହେବ ତ ଅଭାତ,
ଜାଣ ଅହେ ଧନଞ୍ଜୟ ।

ଏକମାତ୍ର ଅସ୍ତ— ଗତ ଯେ ଅଜ୍ଞାନ
ସେହି ସଂସାର-କାରଣ ।
ମାଲ୍ୟେ ସର୍ପାକାର ଜାଣ ଏ ସଂସାର
ଭାସେ ଅଜ୍ଞାନେ ତେସନ ।

ସେହି ଯେ ଅଜ୍ଞାନ ଗୁଣଭେଦେ ପୁଣ
ଶକ୍ତିଭେଦେ ହୋଇ ଦ୍ୱିଧା
ମାୟା ଯେ ଅବିଦ୍ୟା, ଚିଦାଭାସେ ସଦା
ପ୍ରକାଶିତ ଏ ବସୁଧା ।

ସେହି ମାୟା ଏକା ଚିଦାଭାସେ ଯୁକ୍ତା
ହୋଇ କରେ ପୃଥଗ୍‌ବିଧ
ଜୀବ ଓ ଈଶ୍ୱର ନାମେ ପରିଚୟ
ଦେଇ ହୋଇଛି ଦ୍ୱିବିଧ ।

ମାୟାଭାସ ଯେହି ଅଟେ ସେ ଈଶ୍ୱର,
ଅବିଦ୍ୟୋପାଧି ଜୀବର,
ଶୁଦ୍ଧ ସତ୍ତ୍ୱଗୁଣ— ଯୁକ୍ତ ମାୟା ନାମ
ଚୈତନ୍ୟ ରୂପେ ବିସ୍ତର ।

Digitized by srujanika@gmail.com

ମାୟା-ଅବଚ୍ଛିନ୍ନ   ଚୈତନ୍ୟ ପ୍ରଧାନ
ଅଧ୍ୟାତ୍ମ ଯୋଗେ ମିଳିତ
କର୍ତ୍ତୃତ୍ୱାଦ ଗୁଣ—   ବଶିଷ୍ଟ, ସର୍ବଜ୍ଞ
ସର୍ବେଶ୍ୱର ସେ ବହୃତ ।
ସର୍ବ ଅନ୍ତର୍ଯ୍ୟାମୀ   ବଶ୍ୱସ୍ରଷ୍ଟା ପୁଣି
ଈଶ୍ୱର ରୂପେ ଖ୍ୟାତିତ,
ମାୟା ଉପହିତ   ସେହି ଯେ ଚୈତନ୍ୟ
କର୍ତ୍ତା ନାମେ ଅଭିହିତ ।
ସେ ଶୁଦ୍ଧ ଚୈତନ୍ୟ-   କର୍ତ୍ତ୍ର୍ ଜଗଧାଶ
ସାକ୍ଷୀରୂପେ ବଦ୍ୟମାନ
ତାକୁ ବୋଲି ବ୍ରହ୍ମ,   ଅଖଣ୍ଡ ସଚ୍ଚିଦା—
ନନ୍ଦ ସ୍ୱରୂପଟି ଜାଣ ।
ସର୍ବ ଅଧିଷ୍ଠାନ,   ଅବ୍ୟୟ ପରମ—
ଆଧାର, ମାୟାର ଯେଣୁ
ତାର ଜନ୍ମ ମୃତ୍ୟୁ   ନାହିଁ ହେ ଅର୍ଜୁନ !
ନ ଭୁଲ କଦାପି ମନୁ ।
ଔପାଧିକ ଏହି   ଶଶିରାଦ ଦଗ୍ଧ
ଅଥବା ହୋଇଲେ ଶୁଷ୍କ,
ସେତ ନୋହେ ଦଗ୍ଧ   ଶୁଷ୍କ କଦାଚନ
ଭବ ପୁନଃ, ମନେ ରଖ ।
ସଦା ନିର୍ବିକାର   ଅସଙ୍ଗ ସେ ନିତ୍ୟ
ମୁକ୍ତ ପୁଣି ନିରଞ୍ଜନ,
ଏହା ମୁଁ ତୁମ୍ଭକୁ   ପୂର୍ବ ଉପଦେଶେ
କଇଅଛି ଦର୍ଶନ ।
ସେ କଥା ଏବେ କି ?   ଭୁଲିଲ, ଯଦ୍ୟପି
କର ହେ ଏବେ ସ୍ମରଣ,

Digitized by srujanika@gmail.com

ଆତ୍ମାର ସ୍ୱରୂପ ଅଟଇ କିରୂପ
କର ଏ ଅବଧାରଣ । ୨୭ ।

ଏହି ଦୃଶ୍ୟମାନ ସ୍ଥୂଳ ଅପଘନ
ପିତୃ-ମାତୃ-ଭୁକ୍ତ ଅନ୍ନେ
ପରିଣତ ଶୁକ୍ର ଶୋଣିତ ସଂଯୋଗେ
ସମ୍ଭୂତ ହୋଇଲା ଯେସନେ ।
ପୂର୍ବ ଜନ୍ମ-କୃତ କର୍ମ ବୀଜ-ସୂତ
ପଞ୍ଚୀକୃତ ମହାଭୂତ-
କ୍ଷିତି, ଅପ, ତେଜଃ, ଅନିଳ, ଆକାଶ,
ଏହି ପଞ୍ଚରୁ ଉଦ୍ଭୂତ ।
ଏହି ଯେ ଭୌତିକ ଦେହ ବାଲ୍ୟକାଳେ
ବାଳକ ରୂପେ ସଂସ୍ଥିତ,
ଯଉବନ କାଳେ ଯୁବକ ରୂପରେ
ପୁଣି ହୁଏ ପରିଣତ ।
ଅନ୍ୟର କନ୍ୟାକୁ କରିଣ ଗ୍ରହଣ
ତାଠାରେ ପତ୍ନୀ ଭାବନା
କର ସଂସ୍ଥାପନା, ମୋହେ ପଡ଼ି ଦିନା,
ଅର୍ଦ୍ଧାଙ୍ଗୀ ବୋଲି ଉନ୍ମନାଃ ।
ଯାହାର ସହିତ ପୂର୍ବେ କିଛିମାତ୍ର
ନ ଥିଲା ସମ୍ବନ୍ଧ ଲେଶ
ଆଜ ପତ୍ନୀରୂପେ ଅର୍ଦ୍ଧାଙ୍ଗୀ ହୋଇଛି
ସହଧର୍ମିଣୀ ପ୍ରକାଶ ।
ତାର ଗର୍ଭେ ପୁତ୍ର ରେତଃ ଦ୍ୱାରା ଜାତ
ସେ ପୁଣି ସ୍ନେହଭାଜନ,
ଦେହ-ମନ୍ଥୁଁ ଯଥା କାଠର ସମ୍ଭବ,
ପୁତ୍ରର ଜନ୍ମ ତେସନ ।

Digitized by srujanika@gmail.com

ତେବେହେଁ ତା' ପିତା ମାତା ଯେ ମମତା-
ପାଶେ ବାନ୍ଧଣ ଗଳାରେ
ପୁତ୍ର ପୁତ୍ର ବୋଲି ବିମୋହିତ ହୋଇ
ଅଛନ୍ତି ଏହି ସଂସାରେ ।
ଦେହ ସଙ୍ଗେ ତୁମ୍ଭ ନାହିଁଟି ସମ୍ବନ୍ଧ
କିଛି ମାତ୍ର ଯେତେବେଳେ,
ସେ ଦେହ ସମ୍ବନ୍ଧୀ ପୁତ୍ର ପତ୍ନୀ ଠାରେ
ଅଛି ତା କେଉଁ ପ୍ରକାରେ ?
ମୋର ମୋର ବୋଲି ଘୋର ମମତାର
ପାଶରେ ଅବଦ୍ଧ ରହି
ବିମୁଗ୍ଧ ହେଉଛ, ଯେ ପାଶ ଦୁର୍ଜ୍ଜୟ,
ସୁର'ଙ୍କ ଅଚ୍ଛେଦ୍ୟ ସେହି ।
ମୋର ଭାର୍ଯ୍ୟା ମୋର ଅପତ୍ୟ ସୋଦର
ମନେ କର ମୂଢ଼ ପରି,
ମୋହିତ ହେଉଛ, ଅହେ ମହାବାହୋ !
ଏ ଦେହ, ନୁହେ ତୁମ୍ଭର ।
ତୁମ୍ଭେ ନୁହ ଦେହ ତୁମ୍ଭର ବା ପୁତ୍ର
ହୋଇଲା କିପରି କହ ?
ସଙ୍ଗ ପରିହରି ସ୍ୱବଶ୍ୟ କରି
ସ୍ୱରୂପ ନିର୍ଣ୍ଣୟେ ରହ ।

ଅର୍ଜ୍ଜୁନ ଉବାଚ ।

କି କରିବ ଜଗ- ନ୍ନାଥ ମହାବାହୋ !
ଶୋକ ଦହୁଛି ମୋ ମନଃ,
ପୂର୍ବର ସକଳ ଗୁଣ, କର୍ମ ରୂପ,
ଘାଣ୍ଟିଲି, କରୁଁ ସ୍ମରଣ ।

Digitized by srujanika@gmail.com

ନିତ୍ୟ ଚିନ୍ତାପର   ଏହି ମନଃ ମୋର
ଧୈର୍ଯ୍ୟ ନ ଲଭଇ କ୍ଷଣେ,
ଉପାୟ କି ଅଛି,   କହ କୃଷ୍ଣ ! ବାଛି
ଏହି ଶୋକ ନିବାରଣେ ।

ଶ୍ରୀ ଭଗବାନୁବାଚ ।

ଅହେ ମହାବାହୋ !   ଶୋକ ସନ୍ତାପାଦି
ଅଟନ୍ତି ମନର ଧର୍ମ,
ମନଃ-କଳ୍ପିତ ଏ —   ମାନେ ସେହି ମନଃ
ପୁଣି କରନ୍ତି ବହନ ।
ଯେ ମନଃ ଭୌତିକ,   ବିକାରି ଚଞ୍ଚଳ
ପୁଣି ଅଟେ ଦୃଶ୍ୟମାନ,
ପଞ୍ଚଭୂତ ଅଂଶୁ   ଜନମ ତାହାର,
ତୁମ୍ଭେ ତ ନୁହ ସେ ମନଃ ।
ତୁମ୍ଭେ ତ ଅସଙ୍ଗ   ନିତ୍ୟ ଶୁଦ୍ଧ ନିତ୍ୟ-
ମୁକ୍ତ ବିକାର-ବିହୀନ,
ସଦାନନ୍ଦ ରୂପ-   ଗୁଣ ଧର୍ମ ଭବ-
ଅଭାବର ଦ୍ରଷ୍ଟା ମନଃ ।
ଦୃଶ୍ୟ ପଦାର୍ଥରୁ   ଦ୍ରଷ୍ଟା ଯେ ପୃଥକ
ଏହି ନ୍ୟାୟ ଅନୁସାରେ
ଦୃଶ୍ୟ ମନଠାରୁ   ପାର୍ଥକ୍ୟ ତୁମ୍ଭର,
ପଡ଼ିଗଲା ବିସ୍ମରରେ ।
ଅବିବେକ ହେତୁ   ଦୃଶ୍ୟ ଦ୍ରଷ୍ଟା ଦ୍ୱୟେ
ଅଭେଦ ଜ୍ଞାନରେ ପୁଣି
"ମୁହିଁ ମନ ଏହା   ନିଶ୍ଚୟ କରଣ"
ବୋଧ ହେଉଛି "ମୁଁ" ଭଣି ।

Digitized by srujanika@gmail.com

ଅନ୍ତଃକରଣ ଯେ ଏକମାତ୍ର ଜାଣ
ତା ପୁଣି ବୃତ୍ତି ଭେଦରେ
ମନୋ-ବୁଦ୍ଧି, ଚିତ୍ତ, ଅହଙ୍କାର, ଚତୁର୍
ବିଭକ୍ତ ସ୍ଥିର ଜଗରେ ।

ସଂକଳ୍ପରୂପା ବୃତ୍ତି ଯେ ଅଛଇ
ତାହାକୁହିଁ ମନଃ କହ,
ନିଶ୍ଚୟାତ୍ମିକା ଯା-- ବୃତ୍ତି ଅଛି ତାହା
ବୁଦ୍ଧି ନାମଟି, ବୋଲାଇ ।

ଅନୁସନ୍ଧାନର ସ୍ୱରୂପା ଯେ ବୃତ୍ତି
ତା' ନାମ, ଅଟଇ ଚିତ୍ତ,
ଅଭିମାନରୂପା ଅଛଇ ଯେ ବୃତ୍ତି
ଅହଂକାର ନାମେ ଖ୍ୟାତ ।

ପଞ୍ଚଭୂତ ଅଂଶ-- ସମ୍ଭୂତ, ବିକାଶି
ଦୃଶ୍ୟ ଚଞ୍ଚଳ ଅବସ୍ଥା,
ଏମାନେ ଅସ୍ଥିର ଦୃଶ୍ୟ, ଅବିକାର
ଆତ୍ମା ଏମାନଙ୍କ ଦ୍ରଷ୍ଟା ।

ଅଗ୍ନିଦଗ୍ଧ ଅଙ୍ଗ -- ଯୋଗେ, ସେ ଦଗଧ
ଜାଣଇ, ପୁରୁଷ ଯଥା
ଶୋକଦଗ୍ଧ ମନେ— ଯୋଗେ ଧନଞ୍ଜୟ !
ହୁଅ ସନ୍ତାପିତ ତଥା ।

ଦଗ୍ଧ-ହସ୍ତ-ଲୋକ, 'ହେଲି ମୁଁ ଦଗଧ'—
ବୋଲି, ଯଥା ମନେ କରେ,
ଅବିବେକ ବଶୁଁ ତଥା ଶୋକତପ୍ତ
'ମୁଁ' ବୋଲି, କର ମନରେ ।

ଶୋକର ନିଦାନ ଶୁଣ ହେ ଅର୍ଜୁନ !
ଜାଗ୍ରତ ବେଳେ ତାହାର

Digitized by srujanika@gmail.com

ଜାଗୃତି, ଦର୍ଶନ   କରେ; କେବଳ ମନଃ
ସୁଷୁପ୍ତିରେ ଅଗୋଚର ।
ମୂର୍ଚ୍ଛାଦି ଅବସ୍ଥା   ଘଟେ ଯେବେ କଦା
ନ ଥାଏ ଶୋକର ସତ୍ତ୍ୱ,
ଏପରି ନଶ୍ୱର   ଶୋକର ଆଳୟ—
ମନର, ତୁମ୍ଭେ କି କର୍ତ୍ତା ?
ତୁମ୍ଭେ ଅଟ ବୋଧ—   ସ୍ୱରୂପ, ସ୍ୱାଧୀନ,
ଭାବ ଅଭାବ ମନର
କରଣ ଦର୍ଶନ,   ସେ ସର୍ବ କାରଣ
ପ୍ରକାଶ କର ସତ୍ତ୍ୱର ।
ସୁଷୁପ୍ତିରେ ମନଃ   ହୁଅନ୍ତେ ବିଲୀନ
ନ ଥାଏ ଶୋକର ଲେଶ,
ଜାଗ୍ରତରେ ପୁଣି   ଶୋକ ଦୁଃଖାଦିର
ମନରେ ହୁଏ ବିକାଶ ।
ସାକ୍ଷୀରୂପେ ତୁମ୍ଭେ   ସକଳ ଦେଖୁଛ
ନାହିଁ ତ ତୁମ୍ଭର ଶୋକ,
ଯେହୁ ମାନସିକ   ସେ ଅବା କିପରି
ତୁମ୍ଭର ସମ୍ଭବ ? ଦେଖ ।
ଶ୍ରବଣ, ଚର୍ମ,   ରସନା ଯେ ଘ୍ରାଣ,
ଚକ୍ଷୁଃ ଏହି ପଞ୍ଚେନ୍ଦ୍ରିୟ
ଏହାଙ୍କ ସହିତ   ମନଃ ଯେ କଥିତ,
ମନୋମୟ କୋଷେ ଥୟ ।
ଶୋକ ଦୁଃଖ ଭୟ   ଲଜ୍ଜାଦି ଉଦ୍‌ବେଗ
ଧୈର୍ଯ୍ୟ ଅଧୈର୍ଯ୍ୟ ସକଳ
ସେହି ମନୋମୟ   କୋଷେ ଅବସ୍ଥିତ,
ଜାଣ ତୁମ୍ଭେ ମହୀପାଳ ।

Digitized by srujanika@gmail.com

ସ୍ୱରୂପ ଜ୍ଞାନର ଅଭାବ ବଶରୁ
ମନରେ ତାହା ଧରୁଛ,
ଅଜ୍ଞାନ ମନର ଧର୍ମକୁ ନିଜର
କରି, ଶୋଚିତ ହେଉଛ ।
ଆତ୍ମଜ୍ଞାନ ତବ ଉଦିତ ହୋଇଲେ
ସେହି ଶୋକାକୁଳ ମନଃ
ହୋଇବ ନିବୃତ୍ତ ଏହା ଯେ ନିଶ୍ଚିତ,
ମୋହାଦି ହୁଏ ବିଚ୍ଛିନ୍ନ ।
"ଆତ୍ମଜ୍ଞ-ପୁରୁଷ, ଶୋକ-ବିରହିତ"
ବେଦେ ହୋଇଛି ଉକତ
ତେଣୁ ହେ ଅର୍ଜୁନ ! ତୁମ୍ଭେ ଆତ୍ମଜ୍ଞାନ-
ଯତ୍ନେ ହୁଅ ସମାହିତ ।
ତେବେ ତ ଏ ଶୋକ— ସାଗରୁ ଉତ୍ତୀର୍ଣ୍ଣ
ହୋଇବା ସହଜ ହେବ,
ବୃଥା ଶୋକ ମୋହ ଅଜ୍ଞାନତା ବ୍ୟୂହ
ଭେଦି, ଅଶୋଚ୍ୟ ହୋଇବ ॥

ଇତ୍ୟାତ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ ଶାନ୍ତିଗୀତାୟାଂ ଶ୍ରୀ ବାସୁ-
ଦେବାର୍ଜୁନ ସମ୍ବାଦେ ପ୍ରଥମୋଽଧ୍ୟାୟଃ । ୧ ।

ଦ୍ୱିତୀୟ ଅଧ୍ୟାୟ ।

ଅର୍ଜୁନ ଉବାଚ ।

କହନ୍ତି ଅର୍ଜୁନ ହେ ଯଦୁନନ୍ଦନ !
କହ କୃଷ୍ଣ ଦାମୋଦର !
ଇନ୍ଦ୍ରିୟାଦି ମନୋ- ବୁଦ୍ଧିର, ଯେ ଆତ୍ମା
ହୁଏ ଯଥ ଅଗୋଚର—

Digitized by srujanika@gmail.com

ତେବେ କ ପ୍ରକାର   ଉପଲବ୍ଧି ତାର
ହୋଇପାରେ ବାସୁଦେବ !
କର ଅନୁଗ୍ରହ   ନ କର ନିଗ୍ରହ
ଯାନେ ଭ୍ରଷି ସୁଖୀ ହେବ ।

ଶ୍ରୀ ଭଗବାନୁବାଚ ।

ବୋଲନ୍ତ ଶ୍ରୀପତ   ଶୁଣ ମହାମତ ।
ସେହ ଅତ୍ମା ସୂକ୍ଷ୍ମ ଅତ,
ତେଣୁ ମନୋବୁଦ୍ଧି   ଚକ୍ଷୁ ଇନ୍ଦ୍ରିୟାଦ
ତାଙ୍କୁ ଜାଣି ନ ପାରନ୍ତ ।
ମନୋ ବୁଦ୍ଧି ଅର   ଇନ୍ଦ୍ରିୟ ସକଳ
ଅଟନ୍ତ ଦୃଶ୍ୟ, ବକ୍ଷେୟ୍ୟ,
ଚୈତନ୍ୟ ସ୍ୱରୂପ—   ଅତ୍ମା, ତାହାଙ୍କର
ଦ୍ରଷ୍ଟା, ଜ୍ଞାତା, ଧନଞ୍ଜୟ !
ଦୃଶ୍ୟ ଜ୍ଞେୟ ଆଦ   ପଦାର୍ଥ ସକଳ
କରନ୍ତ ଅତ୍ମା ପ୍ରକାଶ,
ଆତ୍ମାକୁ ଏ ସବ   ପ୍ରକାଶ କରିବା
ନାହିଁ ତାଙ୍କର ସାହସ ।
ଏଣୁ ଏହ ଅତ୍ମା   ଅତ ସୂକ୍ଷ୍ମ ରୂପ
ହେଲେହେଁ, କେବଳ ତାହା
ଗୁରୁ-ଉପଦେଶେ   ପୁଣି ବେଦବାକ୍ୟେ
ହୁଏ ଉପଲବ୍ଧ ଯାହା ।
ବବେକ, ବୈରାଗ୍ୟ,   ଶମ, ଦମ, ଉପ-
ରତ, ତତିକ୍ଷା, ଅଧାନ
ଶ୍ରଦ୍ଧା ଏହ ଷଟ୍—   ସମ୍ପତ୍ତି, ମୋକ୍ଷାଦ
ଚତୁର୍ବିଧ ଏହ ସାଧନ—

Digitized by srujanika@gmail.com

କରେ ଯେଉଁ ଶିଷ୍ୟ ଶାନ୍ତ ସେ ବିନୀତ
ପୁଣି ହୋଇ ଶୁଦ୍ଧଚିତ୍ତ
ଗୁରୁ ଉପଦିଷ୍ଟ ମାର୍ଗେ ମହାବାକ୍ୟ
ବିଚାର କରେ ଉଚିତ ।
ତେବେ ସେ ଆତ୍ମାକୁ ଜାଣି ପାରେ ମାତ୍ର
ଅନ୍ୟର କାହିଁ ବା ଶକ୍ତି !
ଆଶ୍ଚର୍ଯ୍ୟ ଯାହାର ଦୃଷ୍ଟି ଶକ୍ତି ଧର
ଆତ୍ମଜ୍ଞାନୀ, ସେ ବୋଲନ୍ତି ।
ଚତୁର୍ବେଦେ ଯାହା ଗୁରୁ ମହାବାକ୍ୟ
ହୋଇଅଛି ନିଗଦିତ
ଜୀବ-ବ୍ରହ୍ମ ଏକ, ଏକାର୍ଥ ବୋଧକ
ତହିଁ ହେଲା ନିଷ୍ପାଦିତ ।
ତନ୍ମଧ୍ୟେ ପ୍ରଧାନ 'ତତ୍ତ୍ୱମସି' ଜାଣ
ଏ ମହାବାକ୍ୟ ସାଧନ
ଗୁରୁମୁଖୁଁ ଶୁଣି ବିଚାରନ୍ତେ ପୁଣି
ଲଭଇ ସିଦ୍ଧି ସୋପାନ ।
ଅହେ ପାର୍ଥ ବୀର ! ଗୁରୁ ସେବାକର
ଗୁରୁଭକ୍ତି-ପରାୟଣ,
ଗୁରୁ କୃପା କଲେ ଲଭିବଟି ଭଲେ
ନିର୍ବିକଳ୍ପ ଆତ୍ମଜ୍ଞାନ । ୨-୫ ।
ଆତ୍ମଜ୍ଞାନ ଲିପ୍ସା ଅଛଇ ଯାହାର
ହେବ ସେ, ଶୁଦ୍ଧମାନସ
ବିଷୟେ ଅସକ୍ତି ଏଡ଼ି, ଶ୍ରଦ୍ଧା ଯୋଗେ
ଆତ୍ମାକୁ ଜାଣେ ବିଶେଷ ।
ବୈରାଗ୍ୟ ପ୍ରଥମ- କାରଣ, ସେ ପୁଣି
ଚିତ୍ତଶୁଦ୍ଧିରୁ ଜନମ,

Digitized by srujanika@gmail.com

ଚିତ୍ତ ଶୁଦ୍ଧି ପ୍ରତି   କାରଣ ଅଟଇ
ଏକମାତ୍ର ଯେ କରମ ।
କର୍ମ ବିବରଣ   ଶୁଣ ହେ ଅର୍ଜ୍ଜୁନ
ହୋଇ ଏବେ ସାବଧାନ
ସଦାଚାର ଯୁକ୍ତ   କାମନା ରହିତ
ହୋଇ କର, ଏ ବିଧାନ ।
ବେଦୋକ୍ତ-ବିଧାନେ   ସ୍ୱବର୍ଣ୍ଣ ସ୍ୱାଶ୍ରମେ
ଉଚିତ କର୍ମାନୁଷ୍ଠାନ—
କର, ଈଶ୍ୱରଙ୍କ   ସନ୍ତୋଷି, ଚିତ୍ତକୁ
ନିର୍ମଳ କର ଧିଅନ ।
ଈଶ୍ୱରଙ୍କ ପ୍ରୀତି-   ସାଧନ ମାନସେ
କାମନା ସଂକଳ୍ପଚୟ,
କର ପରିତ୍ୟାଗ,   ଶ୍ରଦ୍ଧା ଭକ୍ତି ଯୋଗ
ମାନସେ କର, ସଞ୍ଚୟ ।
ସ୍ୱଧର୍ମ ପାଳନ   ସକଳ କରମ
ବ୍ରହ୍ମେ କର ସମର୍ପଣ
ନିତ୍ୟ ନୈମିତ୍ତିକ—   କର୍ମ, ପାରତ୍ରିକ
ଦେବତା ତୀର୍ଥ ଦର୍ଶନ- ।
ଯଥାବିଧି ସେବା   କରନ୍ତେ ଦେଖିବ
କ୍ରମେ ହୁଏ ଚିତ୍ତ ଶୁଦ୍ଧି,
ରୋଗ ଶୋକ ତାପ   ପ୍ରଶମି, ଅମାପ
ନିର୍ମଳ ହୁଅଇ ବୁଦ୍ଧି ।
ହେଲେ ଚିତ୍ତ ଶୁଦ୍ଧି   ହୁଏ ଶୁଦ୍ଧ ବୁଦ୍ଧି
ତହିଁ ବିବେକ ଉଦୟ,
ତେତେବେଳେ ସତ୍ୟ   କିଏ ବା ଅସତ୍ୟ
ଜାଣି ପାରିବ ନିଶ୍ଚୟ ।

Digitized by srujanika@gmail.com

କର ଆଲୋଚନା ବିବେକ ଭାବନା
କରେ ପୁଣି ଏହା ସ୍ଥିର—
ବ୍ରହ୍ମ ସତ୍ୟ, ତଥା ଏ ଜଗତ ମିଥ୍ୟା,
ସଂଶୟ ପାର୍ଥ ! ନ କର ।
ବିବେକ-ସମ୍ପନ୍ନ ହେଲେ ଏହି ଜ୍ଞାନ
ଜଗତକୁ ମିଥ୍ୟା ଜାଣି
ଜାଗତିକ ଅସ୍ଥା ଆସକ୍ତି- ଅନାସ୍ଥା
ବଇରାଗ୍ୟ ଦିଏ ଅଣି ।
ବୈରାଗ୍ୟ ଉଦୟ ହେଲେ ବିଷମୟ
ହୁଏ ଭୋଗାଦି ବିଷୟ,
ପତ୍ନୀ ଅର୍ଦ୍ଧାଙ୍ଗିନୀ ସନ୍ତାପ-ଦାୟିନୀ
ମନେ କରେ ସେ ନିଶ୍ଚୟ ।
ଚିତ୍ତ ହୁଏ ଚିନ୍ତା- ପୀଡ଼ିତ ସତତ
ଯନଷ୍ଟି ନିଧନ-କାରୀ,
ପୁତ୍ର କନ୍ୟା ବୈରି- ପରି, ମିତ୍ରଗଣ
ସୂର୍ଯ୍ୟସମ ତାପକାରୀ ।
ଅରଣ୍ୟ ସମାନ ହୁଏ ସ୍ୱଭବନ
ବନ୍ଧୁବର୍ଗ ଯେ ଭୀଷଣ
ଅନ୍ଧକୂପ ପରି, ଏ ସବୁ ବିଚାରି
ବିରାଗୀ, ତ୍ୟଜ ବନ୍ଧନ—
କେବଳ ନିଜର ହିତେ ନିରନ୍ତର
ସୁଖ ଲଭେ ଅନୁରକ୍ତ;
ପୁଣି ବ୍ୟଗ୍ରଚିତ୍ତ ଦେଖଇ ନିରତେ
ସଂସାର ବିଷୟାସକ୍ତ ।

Digitized by srujanika@gmail.com

ତେଣୁ ମନେ ଖେଦ- କର, ନିସ୍ପନ୍ଦ-
ଭବେ ଅହା ମୂଢ଼ ନରେ
ଭୋଗେ ଲାଳସିତ, , ଅମୂଲ୍ୟ ବାଞ୍ଛା ତ୍ର-
ଧନୋପାର୍ଜ୍ଜନ ମାର୍ଗରେ--

ଭ୍ରମନ୍ତି ସତତ, ଯଦୃଚ୍ଛା ଚଳିତ
ଦାସ ପୁଚ୍ଛେ ଅନୁରକ୍ତ
ସ୍ୱଜନ ଭରଣ- - ପୋଷଣେ ଯତନ,
ଅତ୍ୟନ୍ତ ଉଦ୍‌ବିଗ୍ନ-ଚିତ୍ତ ।

ଅନୁକ୍ଷଣ ଭାବ କପର ପାଇବ
ଧନ ଜନ ଗୋପ ଲକ୍ଷ୍ମୀ,
ଚିନ୍ତାରେ ବ୍ୟାକୁଳ ଏ ମାନବ କୁଳ
ମରୁଛନ୍ତି ଦିବା ଭ୍ରମି ।

ଏମାନେ କେବଳ ବହୁ ଦୁଃଖ ଭାର
ନ ପାଇ ସୁଖ ସମ୍ଭାର,
ସଂସାର ଜଞ୍ଜାଳେ ପଡ଼ ଗଡ଼, ଶେଷେ—
ନିନ୍ଦନ୍ତି; ନିଜ କପାଳ ।

ବ୍ରହ୍ମାଣ୍ଡ ଯାବତ ଭୁଣ ପର୍ଯ୍ୟନ୍ତ
ବସ୍ତୁଜାତ ଏ ଷସୃଳେ—
ସ୍ୱ-ବସ୍ତୁ ସମାନ, କର ଭୁଞ୍ଜ ଜ୍ଞାନ
ତ୍ୟଜିଛି ଯେ ଏକାବେଳେ—

ସେହି ତ ବିରକ୍ତ ପୁରୁଷ, ତାବତ
ଭୋଗ ବାସନା ରହିତ
ବାନ୍ତାଶନ ପରି ଘୃଣା ଜ୍ଞାନ କରି
ତ୍ୟକ୍ତ ବିଷୟେ ବିରତ ।

Digitized by srujanika@gmail.com

ଯଦା ସର୍ବତ୍ୟାଗୀ ହୁଏ ବଇରାଗୀ,
ତଦା କ୍ରମେ ଶମ, ଦମ—
ମନ-ଇନ୍ଦ୍ରିୟ, ନିଗ୍ରହ-- ଯେ ତିତିକ୍ଷା,
ଉପରତି, ସମାଧାନ—

ଶ୍ରଦ୍ଧା, ମୁମୁକ୍ଷୁତ୍ୱ ଏ ଅଙ୍ଗ ସକଳ
ସାଧନେ ହୁଏ ସମର୍ଥ,
ଗୁରୁଦେବ ବାକ୍ୟେ ଏକାନ୍ତ ବିଶ୍ୱାସ,
ଶ୍ରଦ୍ଧା ଶବଦର ଅର୍ଥ ।

ଦୁର୍ଭେଦ୍ୟ ସଂସାର— ଗ୍ରନ୍ଥିରୁ ଉଦ୍ଧାର
ପାଇବା ଦୃଢ଼ ବାସନା
"ମୁମୁକ୍ଷୁତ୍ୱ ବୋଲି" ସତ୍ୟବୁଦ୍ଧି କରି
ଯେ କରେ ଗୁରୁଭଜନା ।

ଗୁରୁହିଁ ସାକ୍ଷାତ ଜ୍ଞାନଦାତା ପାର୍ଥ !
ଭବ-ସାଗର-ତାରକ,
ଶ୍ରୀଗୁରୁ କୃପାରୁ ଶିଷ୍ୟ ଏ ସଂସାରୁ
ମୁକ୍ତ, ଯେ କର ବିବେକ ।

ଗୁରୁ ବିନା ଗତି ମୁକ୍ତି ବା ସଦ୍‌ଗତି
ନାହିଁ କେବେ ଜ୍ଞାନ ଲଭି,
ଏଣୁ ବିଜ୍ଞ ଜନ ଗୁରୁଙ୍କୁ ସମ୍ମାନ-
ଶୁଶ୍ରୂଷାରେ ସନ୍ତୋଷିବ ।

ସେବାରେ ପ୍ରସନ୍ନ ହେଲେ ଗୁରୁଜନ
ଶିଷ୍ୟଙ୍କୁ ଏହି ପ୍ରକାରେ
ଜ୍ଞାନ ଉପଦେଶ ଦେବାକୁ ମାନସ
ବଳାନ୍ତି ଦିବ୍ୟ ତତ୍ତ୍ୱରେ ।

Digitized by srujanika@gmail.com

ହେ ଶିଷ୍ୟ ଏ ଦେହ, ଇନ୍ଦ୍ରିୟ ସମୂହ,
ମନୋ, ବୁଦ୍ଧି, ତୁମ୍ଭେ ନୁହ,
ବାୟୁରୂପୀ ପ୍ରାଣ ନୁହ, ତୁମ୍ଭେ ଜାଣ,
ସଚ୍ଚିଦାନନ୍ଦ ବିଗ୍ରହ ।
ସାକ୍ଷୀ ସକଳର ଦ୍ରଷ୍ଟା ହିଁ, ତୁମ୍ଭର
ନ ଥାଉ ପ୍ରତିବନ୍ଧକ,
ଆଚାର୍ଯ୍ୟ ବଚନ କରନ୍ତେ ଶ୍ରବଣ
ଶିଷ୍ୟର ହୁଏ ବିବେକ ।
ନୋହିଲେ ତକ୍ଷଣ ଜ୍ଞାନ ପୁନଃପୁନଃ,
ମନନ ନିଦିଧ୍ୟାସନ,
ଅଭ୍ୟାସ ଉପାୟେ . ପ୍ରତିବନ୍ଧ କ୍ଷୟେ
ସେ ଜ୍ଞାନ ସ୍ୱୟଂ ଉତ୍ପନ୍ନ ।
ବେକର ସୁବର୍ଣ୍ଣ କଣ୍ଠୀମାଳ ଜାଣ
ପୃଷ୍ଠଭାଗେ ଲମ୍ବମାନ—
ଥିଲେ, ସେହିଁ ଧର, ଅଜ୍ଞାନ ବଶରୁ
ଭ୍ରମୁଥାଏ ଯେଉଁ ଜନ ।
ଏକାଳେ ଅପର ଜନ ଯେ ତାହାର
ଭ୍ରମ କପସ୍କଣ ଦୂର
ବୋଲେ ହେ ସୋଦର, ତୁମ୍ଭ ସ୍କନ୍ଧର
ବସ୍ତ୍ରାବୃତ ପୃଷ୍ଠେ ଧର ।
ଶୁଣି ଏ ବଚନ ଭ୍ରମ ନିବାରଣ
ହୁଅନ୍ତେ ଭ୍ରାନ୍ତ ଯେସନ
ତାହା ପ୍ରାପ୍ତ ସର ଅନୁଭବ କରି
ଆନନ୍ଦେ ହୁଏ ମଗନ ।
ତେସନ ଏ ଆତ୍ମା ସତତ ପ୍ରାପତ
ଅଛନ୍ତି ଯେତେବେଳେ,

Digitized by srujanika@gmail.com

ଗୁରୁ ଉପଦେଶେ ଅବିଦ୍ୟାଽବରଣ
ନିବାରିତ ହେଲାବେଳେ
ସେ କାଳେ ବିଜ୍ଞାନ ପ୍ରାପ୍ତ ପ୍ରାଣୀ ଜାଣ
ଶିଷ୍ୟ ହୁଅଇ କୃତାର୍ଥ
ପରମ ଆନନ୍ଦ ଲଭି ଯୁଗପଦ
ସଂସାର ବନ୍ଧନୁ ମୁକ୍ତ ।

ଅର୍ଜୁନ ଉବାଚ ।

କହନ୍ତି ଅର୍ଜୁନ ହେ ଯାଦବ କୃଷ୍ଣ !
ହେଲା ସନ୍ଦେହ ଜନନ,
ଜୀବ ସଦା କର୍ତ୍ତା ଅଭିମାନୀ ଭୋକ୍ତା,
ବ୍ରହ୍ମ ନିଷ୍କ୍ରିୟ କେସନ ?
ଜୀବ ଓ ବ୍ରହ୍ମର ହେଲା ପରସ୍ପର
ବିରୁଦ୍ଧ ଧର୍ମନ୍ତି ଯେବେ
ଐକ୍ୟ ଜ୍ଞାନରୂପ ହୋଇବ କିରୂପ
ଉଭୟର, କହ ଏବେ ।
ଏ ସଂଶୟ ମୋର ଛେଦ ଯୋଗେଶ୍ୱର !
ହେଲି ମୁଁ ଶରଣାପନ୍ନ,
ତୁମ୍ଭ ବିନା କେହ ଏ ସଂସାରେ ନାହିଁ
ଛେଦକ ହେ ଜନାର୍ଦ୍ଦନ !

ଶ୍ରୀ ବାସୁଦେବ ଉବାଚ ।

ବୋଲନ୍ତି ଯାଦବ ଶୁଣ ହେ ପାଣ୍ଡବ
ତ୍ରିଗୁଣସକ୍ଷ ଅର୍ଜୁନ !
ଜୀବ କର୍ତ୍ତା ଭୋକ୍ତା ବୋଲି ଅନୁଭୂତ
ହେଉଥିବେ ତଥାପି ଜାଣ—

Digitized by srujanika@gmail.com

ବାସ୍ତବ ଜୀବର କର୍ତ୍ତୃତ୍ୱ ଭୋକ୍ତୃତ୍ୱ
ଆଦି କିଛି ଧର୍ମ ନାହିଁ,
ତେଣୁ 'ତତ୍ତ୍ୱମସି' ମହାବାକ୍ୟ ପଶି
ବିଗ୍ରହ କର ଚିତୋଇ ।
ତତ୍ତ୍ୱମସି-ମଧ୍ୟେ ତ୍ୱଂପଦ ଶୋଧନେ
ଅଟେ ଆତ୍ମ-ନିରୂପଣ,
ବେଦବାକ୍ୟ କ୍ରମେ ଶୋଧନ ପ୍ରଣାଳୀ
କହୁଅଛୁଁ ଏବେ ଶୁଣ ।
ସଂଶୋଧି 'ତ୍ୱଂପଦ' ପ୍ରଥମେ ସ୍ୱରୂପ
କରିବ ଅବଧାରଣ,
ବେଦବାକ୍ୟ କ୍ରମେ ତାହାର ପ୍ରକାର
କହୁଛୁଁ କର ଶ୍ରବଣ ।
ସ୍ଥୂଳ, ସୂକ୍ଷ୍ମ, ପୁଣି କାରଣ ଏତିନି
ଦେହ ଅଛି ବିଦ୍ୟମାନ,
ତହିଁ ମଧ୍ୟେ ଅନ୍ନ— ମୟ, ପ୍ରାଣମୟ,
ମନୋମୟ କୋଷ ଜାଣ ।
ବିଜ୍ଞାନ, ଆନନ୍ଦ— ମୟ କୋଷ ପୁଣି
ଅଛନ୍ତି ଏପରି ପଞ୍ଚ,
ଜଡ଼ ଭୌତିକ ନଶ୍ୱର ମନେ କରି
ଏମାନଙ୍କୁ ପୁଣି ମୁଞ୍ଚ । ୨୧ ।
କଦଳୀ ବୃକ୍ଷର ବଲ୍କଲ ପରିପ୍ରେ
ସମ୍ବନ୍ଧ କ୍ରମେ କ୍ରମେ
କର ପରିତ୍ୟାଗ, କେବଳ ତା' ମଧ୍ୟ
ଅତ୍ୟାଜ୍ୟ ଯଥା ଆତ୍ମେ ।
ଅନ୍ନମୟ କୋଷ— ପଞ୍ଚାଦରେ ଅଣ-
ନ ଭବ ତ୍ୟଜ ବନ୍ଧନ,

Digitized by srujanika@gmail.com

କାଷ୍ଠ ଲୋଷ୍ଟ୍ର ପରି ଅନାତ୍ମା ସେ ଜଡ଼
ଫେନ ବୁଦ୍‌ବୁଦ ତେସନ ।
ତ୍ୟାଗ କରୁ କରୁ ଦେଖିବ ଶେଷକାଳେ
ତ୍ୟାଗଯୋଗ୍ୟ ଅଉ ନାହିଁ
ସେ ସୀମାକୁ ବାଧ ମନେ କରି ସାଧ
ସ୍ଥଗିତ ହେବ ସେଠାଇଁ ।
ଅତ୍ୟାଜ୍ୟ ନରେଷି ସର୍ବବାଧ ସାକ୍ଷୀ
ସ୍ୱୟଂପ୍ରଭ ଅହଂ ଶବ୍ଦ,
ବିଶ୍ୱାସ ଅଟନ୍ତୁ ସ୍ୱରୂପ ପ୍ରକାଶ
ଜାଣିବ ଅତ୍ର ନିର୍ବେଦ ।
ଏହାକୁହିଁ ଧର "ତ୍ୱଂ" ଏହି ପଦର
ଶୋଧନ ଯେ ବୋଲାଯାଏ,
ଅଗ୍ରେ ତ୍ୱଂ ପଦର ଶୋଧନର ପର
"ତତ୍" ପଦ ବିଷୟର ହୁଏ ।
ସେହି 'ତତ୍' ପଦର ଶୋଧନ ପ୍ରକାର
ଏବେ କହୁଅଛୁଁ ଶୁଣ,
ମାୟା ଉପାଧିକ ପରେଶ ଚୈତନ୍ୟ
କରିବ ଶୀଘ୍ର ବର୍ଜନ ।
ଦେଶ କାଳ ବସ୍ତୁ— ପରିଚ୍ଛେଦ ଶୂନ୍ୟ,
ମାୟାର ଯେ ଅଧିଷ୍ଠାନ—
ଅଜ, ଅବିନାଶୀ, ପୂର୍ଣ୍ଣ ରୂପବନ୍ତି
ଏକ, ଅଦ୍ୱିତୀୟ, ଜାଣ ।
କେବଳ ସଚ୍ଚିଦା— ନନ୍ଦ ସ୍ୱରୂପ ଯେ
ବ୍ରହ୍ମ ବୋଲି ତାକୁ କହି,
"ତତ୍" ଏହି ପଦର ଶୋଧନ ପ୍ରକାର
ଦେଇଁ ତୁମ୍ଭକୁ ବୁଝାଇ ।

Digitized by srujanika@gmail.com

''ଅସି'' ଏ ପଦର   ଅର୍ଥ ଯେ ଏଥର
ଶୁଣ ଅଟେନ୍ତ ଧନଞ୍ଜୟ ।
'ତ୍ୱଂ' ପଦ 'ତତ୍' ପଦ—   ଯେ ଅର୍ଥ ସପଦ
'ଅସି' ରେ ହୋଇଛି ଥୟ ।

ତ୍ୱଂ ପଦର ଅର୍ଥ   ତତ୍ ପଦର ସାର୍ଥ
ପ୍ରତ୍ୟଗ୍ ବ୍ରହ୍ମ ଚଇତନ୍ୟ,
ଅଖଣ୍ଡ ରୂପରେ   ଐକ୍ୟ ବିଧାନରେ
''ଅସି'' କରଛି ଧାରଣ ।

ଯଥା ଘଟସ୍ଥିତ   ଆକାଶ ସହିତ
ବହିଃସ୍ଥ ମହାକାଶର
ନାହିଁ କିଛି ଭେଦ,   ଅଖଣ୍ଡ ସ୍ୱରୂପ
ଏକ, ଏ ସେହି ପ୍ରକାର ।

ଆନ୍ତରିକ ପ୍ରତ୍ୟକ୍-   ଚୈତନ୍ୟ ସ୍ୱରୂପ
ପ୍ରତ୍ୟଗାତ୍ମାର ସହିତ
ମାୟିକ ବ୍ରହ୍ମ—   ଚୈତନ୍ୟ ରୂପ ପର—
ମାତ୍ମାର ଭେଦ ନାହିଁ ତ ।

ଘଟ ପରିତ୍ୟକ୍ତ   ହୁଅନ୍ତେ ଉପାଧି—
ଘଟାକାଶହିଁ ଯେସନ
ମହାକାଶରୂପେ   ଅଖଣ୍ଡ କଳପେ
ହୁଅନ୍ତି ପ୍ରତ୍ୟକ୍ମାନ ।

ଅବିଦ୍ୟା-ମୂଳକ   ଅନ୍ତଃକରଣିକ—
ଉପାଧି ତ୍ୱଂ ପଦ ତଥା,
ମାୟା ଉପାଧିକ   ତତ୍ ପଦ ସହିତ
ବଳୁଛି ଧର୍ମ ସର୍ବଥା ।

Digitized by srujanika@gmail.com

ନିବୃତ୍ତ ଉପାଧି ସନ୍ଧାନ କରି
ଅଖଣ୍ଡ ଚୈତନ୍ୟ ବ୍ରହ୍ମ--
ଜାଣି ଆତ୍ମା ପର ପରମାତ୍ମା ସହ
ମୌନୀ ହୁଅ ହେ ଅର୍ଜ୍ଜୁନ ।

ଯୋଗୀ ଏବଂବିଧ ଜାଣି ସ୍ଥିରପ୍ରଜ୍ଞ
ହୋଇ, ରହେ ସଦା ସୁଖୀ
କେବଳ ପ୍ରାରବ୍ଧ କର୍ମର ଯେ ଭୋଗ--
ପାଇଁ ଯାହା ଥାଏ ଦୁଃଖୀ ।

ଜୀବନ୍ମୁକ୍ତ ପର ବିଚରଣ କରି
ପ୍ରାରବ୍ଧ ଶେଷ ପର୍ଯ୍ୟନ୍ତ
ରହି ଆନନ୍ଦରେ କର୍ତ୍ତବ୍ୟ ବୋଧରେ
ଭଜେ ଅଖଣ୍ଡ ଅମୃତ ।

ଏହି ଜୀବନ୍ମୁକ୍ତ ମାନବର ନିତ୍ୟ
କର୍ତ୍ତବ୍ୟାକର୍ତ୍ତବ୍ୟ ରୂପ
ବିଧି ବା ନିଷେଧ ନ ଥାଏ ନିଶ୍ଚିତ
ଯେଣୁ ସେ ମୁକ୍ତ ସ୍ୱରୂପ ।

ସୁକୃତ ଦୁଷ୍କୃତ— ପୁଣ୍ୟ-ପାପ ମୂର୍ତ୍ତି
ସ୍ପର୍ଶ ନ କରେ ତାହାକୁ
କେବଳ ସତତ ମୁକ୍ତି ପାଇବାରେ
ନିମଗ୍ନ ରଖେ ମନକୁ ।

ତାହାର ଶରୀର ସଞ୍ଚିତ, ପୂର୍ବର
କର୍ମ ଭୁଞ୍ଜିବା ନିମନ୍ତେ
କରେ ବିଚରଣ ପ୍ରାକୃତ ସଦୃଶ
ହୋଇ ରହିଥାଏ ଏଥେ ।

ଇତ୍ୟଧ୍ୟାତ୍ମ-ବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀ ବାସୁଦେବା-
ର୍ଜ୍ଜୁନ-ସମ୍ବାଦେ ଶାନ୍ତିଗୀତାୟାଂ ଦ୍ୱିତୀୟୋଽଧ୍ୟାୟଃ ।

Digitized by srujanika@gmail.com

ତୃତୀୟ ଅଧ୍ୟାୟ ।

ଅର୍ଜ୍ଜୁନ ଉବାଚ ।

କହନ୍ତି ଅର୍ଜ୍ଜୁନ ହେ କୃଷ୍ଣ ନନ୍ଦନ—
ମୋହନ ଭକ୍ତବତ୍ସଳ !
ସନ୍ଦେହ ମୋହର ହେଉଛି ଅପାର
ଫେଡ଼ନ୍ତୁ ଦେବ ! ସକଳ ।
ଅହଂକାର ବିନା ଏ ସଂସାରେ ଦିନା
ବ୍ୟବହାର ଅସମ୍ଭବ
ଦେଖୁଛି ଯେପର ତାକୁ କେ ନ ଧର
କିମ୍ବା କେଉଁଠେ ସମ୍ଭବ ।

ଶ୍ରୀ ଭଗବାନୁବାଚ ।

ଅର୍ଜୁନ ବଚନ ଶୁଣି ଭଗବାନ
କରି ପୁଣି ସମ୍ବୋଧନ—
କହନ୍ତି କୋମଳେ, ଶୁଣ ମହାବାହୋ !
ନିର୍ଗୁଣ ତତ୍ତ୍ୱ ବଚନ ।
ଜୀବନ୍ମୁକ୍ତ ଯୋଗୀ— ପୁରୁଷର କର୍ମ୍ମ ।
ସାହଂକାର ବ୍ୟବହାର ?
ଏହା ଅସମ୍ଭବ ହେବାରୁ ସନ୍ଦେହ
ଜନ୍ମିଲା ଯେଣୁ ତୁମ୍ଭର ।
ଅତି ଗୋପନୀୟ ସେ ତତ୍ତ୍ୱ ଶୋଧନୀୟ
ଶୁଣିଲେ, ସଂଶୟ ଛେଦ--
ହୋଇବ, ତୁମ୍ଭର; ହେବ କୃତକୃତ୍ୟ
ଫେଡ଼ କହିବା ସେ ଭେଦ ।

Digitized by srujanika@gmail.com

ଏ ସ୍ଥୂଳ ଶରୀର ଅଟେ ନିତ୍ୟ ଗୀନ
ଏଥି ଅତ୍ମବୁଦ୍ଧି ସ୍ଥିତ—
ଦେବାରୁ, ଏ ଜୀବ ହୁଏ ତମୋହତ
କର୍ମ-ବନ୍ଧନେ ନଡ଼ିତ ।

ଅହଂକାର ବଶେ ନାନାବିଧ କର୍ମ
କରଇ ସେ ଅନୁଷ୍ଠାନ,
ଅପଣା ଅତ୍ମାକୁ ଏ ଦେହରୁ ଭିନ୍ନ
ବୋଲି ନ ଥାଏ ତା' ଜ୍ଞାନ ।

ଅତ୍ମା ଯେ ସ୍ୱତନ୍ତ୍ର, ନିତ୍ୟ, ମୁକ୍ତ, ସତ୍ୟ,
ନିର୍ବିକାର, ନିରଞ୍ଜନ,
ଦେହାଦିର ଦ୍ରଷ୍ଟା, ଏ ଭାବ ସକଳ
ନ ଥାଏ ଜୀବର ଜାଣ ।

ତେଣୁ ଏହି ଜୀବ ଅହଂବଶେ ନିଜେ
କର୍ତ୍ତୃ ଅଭିମାନ କରି
'ମୁଁ କରେ' 'ମୁଁ ଭୋଗେ' ଇତ୍ୟାଦିରେ ମଗ୍ନ
ଦେହେ ଅତ୍ମବୁଦ୍ଧି ଭରି ।

ଅହଂକାର ଧର୍ମ ଅଛି ଏହା ଜାଣ,
କରେ ସଙ୍ଘାତ ଗ୍ଳଳନ,
ଚୈତନ୍ୟ-ବଶିଷ୍ଟ ପରି ତାହା କରି
ସ୍ୱକାର୍ଯ୍ୟ କରେ ସାଧନ ।

ଅତ୍ମା ଶୁଦ୍ଧ ସଦା ମୁକ୍ତ ସର୍ବସ୍ଥିତ
ନିତ୍ୟ ସଚ୍ଚିଦାନନ୍ଦ
ମାୟିକ ସଙ୍ଘାତ ସହିତ ତାହାର
କଦା ନ ଥାଏ ସମ୍ବନ୍ଧ ।

Digitized by srujanika@gmail.com

ଏଣୁ ଯୋଗୀ ଜନ ଜାଣଇ, ସେକ୍ଷଣ
ନିଜର ଆତ୍ମା ନିର୍ଦ୍ୱନ୍ଦ୍ୱ,
ସଙ୍ଘାତ ସଙ୍କୁଳ ଏଡ଼ି ତତକାଳ
ସଚ୍ଚିଦାନନ୍ଦରେ ଅସ୍ଥ ।
ପୂର୍ବ ଜନ୍ମକୃତ କର୍ମ- ଅନୁଭୂତ
ଦେହ କରେ ବିଚରଣ
ପୁଣି ବ୍ୟବହାର କାର୍ଯ୍ୟ ଅନିବାର
କରୁଥାଏ ସମ୍ପାଦନ ।
ମାତ୍ର ସ୍ୱୟଂ ସେ ତ ସଚ୍ଚିଦାନନ୍ଦସ୍ଥ
ନିତ୍ୟ ସଙ୍ଗ-ବିବର୍ଜିତ
କାର୍ଯ୍ୟ ବ୍ୟବହାର ନ ଥାଏ ତାହାର
ସ୍ୱପ୍ନର ସ୍ୱପନ ବତ ।
ଅଯତ୍ନ-ଲବଧ ସ୍ୱପ୍ନ କାର୍ଯ୍ୟ ଯଥା
ମିଥ୍ୟା ଅଟେ ପୁରୁଷର,
ତନ୍ଦ୍ରାରେ ଦୃଷ୍ଟିତ ମାତ୍ର ହେବା ସତ,
ସ୍ପର୍ଶେ କି ସୁପ୍ତ ଶରୀର ?
ତେସନ ଜୀବନ— ମୁକତ ଯେ ଜନ
ତାର ପୂର୍ବ ଅପଘନ
ସ୍ୱପନ ସମାନ ବ୍ୟବହାର ମାନ
କରୁଥାଏ ସମ୍ପାଦନ ।
ମୁକ୍ତରେ ଜାଣ ଦେହରୁ ସେ ଭିନ୍ନ
ପୁଣି ଅସଙ୍ଗ ନିର୍ଲିପ୍ତ,
ଦୈହିକ କରମ— ସକଳ, ତାହାକୁ
ଛୁଇଁ ନ ପାରେ କିଞ୍ଚିତ ।
ସେ ଅଖଣ୍ଡ ଅଦ୍ୱି— ତୀୟ ପୂର୍ଣ୍ଣ ସଦା
ସଚ୍ଚିଦାନନ୍ଦ ସ୍ୱରୂପ,

Digitized by srujanika@gmail.com

ଦେଶ, କାଳ, ଜୀବ, ଜଗତ ସହିତ
ସମ୍ବନ୍ଧସ୍ଥାନ ସ୍ୱରୂପ ।
ଏ ଯେଉଁ ଜଗତ ଜୀବହିଁ ସମସ୍ତ
ବ୍ୟାବହାରିକ ପଦାର୍ଥ
ମାୟିକ ଅନନ୍ତ— ଜାଲିକ ପଦସ୍ଥ
ମିଥ୍ୟା ମାୟା-ବିଜୃମ୍ଭିତ ।
ହେ ଭରତର୍ଷଭ ! ଜାଗ୍ରତ ଅବସ୍ଥ
ମୋକ୍ଷାବଧି ଏ ସଂସାର
ସମସ୍ତ କଳ୍ପିତ— ମିଥ୍ୟା, ସ୍ୱପ୍ନତୁଲ୍ୟ
ଜୀବ ଅନୁଭବ ସାର । ୧୦ ।
ଯେବେ କି ଏ ଦେଶ, କାଳ, ଜୀବସର୍ବ
ଜଗତ ମିଥ୍ୟା-ଆଧାର,
ତେବେ ତୁମ୍ଭେ ମୁହିଁ ପୃଥିବୀ, ତନୟ
ବାନ୍ଧବ ବୃଥା ସଂସାର ।
ଭ୍ରାନ୍ତିବଶେ ମିଥ୍ୟା ଅଳୀକ ପଦାର୍ଥେ
ସତ୍ୟ ଜ୍ଞାନ ମନେ କରି-
ଶୋକ ସନ୍ତାପରେ ନିମଗ୍ନ ହେଉଛ
ଅଜ୍ଞାନ ବାଳକ ପରି ।
ଅହେ ମହାବାହୋ ! ଶୋକ ପରିହର
ଜାଣି ଏ ମାୟାର ଖେଳ,
ସତତ ଅଦ୍ୱୈତ— ରୂପ ତୁମ୍ଭେ ଅଟ
କାହିଁ ଦ୍ୱୈତ ଲେଶ ମେଳ ।
ମାୟାମୟ ସର୍ବ ଦ୍ୱୈତ ଯେ ପଦାର୍ଥ
ପଶି ନ ପାରେ ତୁମ୍ଭକୁ,
ଯେହ୍ନେ ଏକ, ଅଦ୍ୱି-- ତୀୟ, ସଖ୍ୟା-ସ୍ଥାନ,
ଦ୍ୱନ୍ଦ୍ୱ ନ ଘୋରେ, ତାହାଙ୍କୁ ।

Digitized by srujanika@gmail.com

ତୁମ୍ଭେ ଏକ ଅଦ୍ୱି— ଶସ୍ପୃଷ୍ଟ କେବଳ
ସର୍ବଶୂନ୍ୟତ୍ୱ ହେତୁରୁ
ଅକ୍ଷୟ ଯୋଗରେ ସଦବ୍ୟୟ ଅଟ,
ପୁଣି ଅବସ୍ଥା-ତ୍ରୟରୁ ।
ଜାଗ୍ରତ, ସ୍ୱପନ, ସୁଷୁପ୍ତି ଏ ତିନି-
ଅପେକ୍ଷା ଯୋଗେ ତୁରୀୟ
ସ୍ୱଜାତି-ବିଜାତି-- ଭେଦ-ଶୂନ୍ୟ ହେତୁ
ତୁମ୍ଭେ ଏକ ଅଦ୍ୱିତୀୟ ।
ସର୍ବ ପ୍ରକାଶକ ବୋଲିଣ ତୁମ୍ଭେତ
ପ୍ରତ୍ୟଗ ଚୈତନ୍ୟ ଅଟ,
ସାକ୍ଷ୍ୟକୁ ଅପେକ୍ଷା କରିବାରୁ ବିନା
ସାକ୍ଷୀ ହୋଇଛ ପ୍ରକଟ ।
ଦୃଶ୍ୟ ଅପେକ୍ଷାରେ 'ଦ୍ରଷ୍ଟା' ବୋଲି ପୁଣି
ଲକ୍ଷଣାଭୃଗୁଁ 'ଅଲକ୍ଷ୍ୟ'
ବୁଦ୍ଧି ବୃତ୍ତି ଅଗୋ— ହଣ କରି ବିନା
ଜ୍ଞାନ, ଶବ୍ଦରେ ପ୍ରତ୍ୟକ୍ଷ ।
ଅର୍ଜୁନ ଉବାଚ ।
କହନ୍ତି ଅର୍ଜୁନ ହେ ହରେ ହେ କୃଷ୍ଣ !
କେଉଁ ମାୟା ଅଦଭୁତା !
ଈଶ୍ୱର ପ୍ରସବ-- କାରଣୀ ଅବିଦ୍ୟା
ସେ ଜଡ ? ସେହି ଚ ନିତ୍ୟା ?
ଅଥବା ଅନିତ୍ୟା ? ଉଭୟଙ୍କ ମଧ୍ୟେ
ଅଛଇ କେଉଁ ସ୍ୱଭାବ ?
ତାହାସବୁ ମୋତେ କୃପା ବହି ଏବେ
ବୋଲନ୍ତୁ ହେ ବାସୁଦେବ ।।

Digitized by srujanika@gmail.com

ଶ୍ରୀ ଭଗବାନୁବାଚ ।

ଶ୍ରୀ ମଧୁସୂଦନ ସମ୍ବୋଧି ଅର୍ଜୁନ
ଧୀରେ କହନ୍ତି ବଚନ,
ମାୟା ସମ୍ବନ୍ଧରେ ଯେ ପ୍ରଶ୍ନ କରିଲ
ଉତ୍ତର କର ଶ୍ରବଣ ।
ସେହି ମାୟା ମହା— ବଳବତୀ ମହା-
ଅଦ୍ଭୁତା ତ୍ରିଗୁଣାନ୍ୱିତା
ଉତ୍ପତ୍ତି-ରହିତା ଅନାଦି ନିସର୍ଗା
ବ୍ରହ୍ମଶକ୍ତି ସେ କଥିତା ।
ଅବସ୍ତୁ ହୋଇ ସେ ବସ୍ତୁ ପରି ଭାସେ
ବସ୍ତୁ ସତ୍ତାରେ ଅଧିଷ୍ଠିତା
ସତ ସେ ଅସତ— ଯୋଗେ, ଅନିର୍ବାଚ୍ୟା
ଭାବରୂପିଣୀ ସେ ଭ୍ରାନ୍ତା ।
ବ୍ରହ୍ମକୁ ଆଶ୍ରୟ କରି ବ୍ରହ୍ମାଶ୍ରୟା
ଚୈତନ୍ୟ ଜଡ ବିଷୟା
ଦୁର୍ଘଟ ଘଟନା-- ପଟୀୟସୀ ଜ୍ଞାନ--
ନାଶନେ, ମୋହିନୀ ମାୟା ।
ବିକ୍ଷେପ, ଆବୃତ— ରୂପା ଦୁଇଶକ୍ତି
ଅଛଇ ପୁଣି ତାହାର,
ତମରେ ଆବୃତ, ରଜରେ ବିକ୍ଷିପ୍ତି-
ଶକ୍ତି, ହେଲାଟି ପ୍ରସାର ।
ଯେବେ ସେ ମୋହିନୀ, ମୋହ ବିନାଶିନୀ-
ହୁଏ, ସେହୁ ତେତେବେଳେ
ଶୁଦ୍ଧ ସତ୍ତ୍ୱଗୁଣ ପ୍ରଧାନ ବୋଲିଣ
ବିଦ୍ୟା ନାମରେ ବିହରେ ।

Digitized by srujanika@gmail.com

ତମୋଗୁଣ ଶକ୍ତି ଆବରଣ-ଶକ୍ତି
ଥିବାରୁ ଅବିଦ୍ୟା ନାମ
ଯେଣୁ ମାୟା ସେଣୁ ଅବିଦ୍ୟା ଅଟଇ
ଭେଦ ନାହିଁ ତହିଁ ଜାଣ ।

କେବଳ ସମଷ୍ଟି ବ୍ୟଷ୍ଟି ଏହି ମାତ୍ର
ଭେଦ ଅଛଇ ତାହାର
ମାୟା, ଅବିଦ୍ୟାର— ସମଷ୍ଟି, ସେ ଏକା
ହେଲେହେଁ ବହୁ ପ୍ରକାର । ୨୨ ।

ସମଷ୍ଟି ବିଷୟେ କହୁଅଛୁଁ ଏବେ
ଯେ ମାୟା ସତ୍ତ୍ୱ ଗୁଣରେ—
ହେବାରୁ ପ୍ରଧାନ, ସେହି ସ୍ୱାଧିଷ୍ଠାନ-
ଚୈତନ୍ୟ, ଆଶ୍ରୟ କରେ ।

ସୁଷୁପ୍ତି କାଳୀନ ଅନୁଭୂତ, ଏକ
ଆନନ୍ଦମୟ, ଅଦ୍ୱୈତ,
ସର୍ବ ଜଗତରେ- ବାସନା, ତା'ଠାରେ
ସୂକ୍ଷ୍ମଭାବେ ଅବସ୍ଥିତ ।

ଏ ଯୋଗେ ପ୍ରଜ୍ଞାନ- ସମଷ୍ଟି, ସର୍ବଜ୍ଞ
ଜଗଦ୍‌ଯୋନି, ସର୍ବେଶ୍ୱର
ସର୍ବ ଅନ୍ତର୍ଯ୍ୟାମୀ, ବୋଲିଣ କଥିତ
ଶ୍ରୁତିସିଦ୍ଧ ସେ ଈଶ୍ୱର ।

ପୁଣି ତମୋଗୁଣ— ପ୍ରଧାନା, ସେ ମାୟା
ଅବିଦ୍ୟା ବୋଲି ଯାହାକୁ
ସ୍ୱାଧିଷ୍ଠାନ ଚୈତନ୍ୟ ସେ ପ୍ରକାଶି
ଅଜ୍ଞାନ ଧରେ ତାହାକୁ ।

Digitized by srujanika@gmail.com

ଆବରଣ ଶକ୍ତି— ସ୍ୱଭାବେ, ସେ ଜୀବ
ସ୍ୱରୂପକୁ ନ ଜାଣଇ
ତେଣୁ ସେ ସ୍ୱଳ୍ପଜ୍ଞ ସ୍ୱଳ୍ପ ଶକ୍ତିମାନ
ଦୀନ ଭାବରେ ବର୍ତ୍ତଇ ।
ଏଯୋଗେ ଚକ୍ଷନ— ମନୁ ବ୍ୟଷ୍ଟି ଜୀବ-
ନାମେ, ହୁଏ ସେ କଥିତ,
ଚୈତନ୍ୟ କେବଳ ତା' ଅଶ୍ରୟ ସ୍ଥୂଳ
ଚୈତନ୍ୟରେ ସେ ଭାସିତ ।
ପୁଣି ସେ ଚୈତନ୍ୟ ସତ୍ତାକୁ ଯେନଣ
ଆବରଣ ଶକ୍ତିବଳେ
ଚିତ୍ସ୍ୱଭାବକୁ ଆବୃତ କରଇ,
ପୁଣି ବିକ୍ଷେପ ଶକ୍ତିରେ—
ରଜ୍ଜୁରେ ସର୍ପର ଭ୍ରମ ହେଲା ପରି
ତାକୁ କରଇ ବିକ୍ଷିପ୍ତ,
ଏହିରୂପେ ମାୟା ଅବିଦ୍ୟା ଜଗତ
କରୁଅଛି ବିବର୍ତ୍ତିତ । ୨୩ ।

ଅର୍ଜୁନ ଉବାଚ ।

ଅର୍ଜୁନ ବୋଲନ୍ତି ଯେବେ ବ୍ରହ୍ମ ଶକ୍ତି
ସେ ଯଦି ମାୟା ବୋଲାଏ
ସତ୍ ବ୍ରହ୍ମଶକ୍ତିର ମାୟା ନାମ, ତାର
ବିନାଶ କିପରି ହୁଏ ?
ଯଦି ସେହି ମାୟା ହେଲା ମିଥ୍ୟା କାୟା
ତଥାପି ତାହାର ଲୟ
ଏତ ଅସମ୍ଭବ ଯେ କେହୁ କହୁବ,
କହ ହରିରେ ! ଏ ବିଷୟ ।

Digitized by srujanika@gmail.com

ଶ୍ରୀ ଭଗବାନୁବାଚ ।

ଶ୍ରୀଦତ୍ତ କହନ୍ତି ଶୁଣ ସବ୍ୟସାଚି !
ସେ ମାୟାର ନାନା ଭାବ
ସତ୍ତ୍ୱ ରଜସ୍ତମ ତ୍ରିଗୁଣର ସାମ୍ୟ-
ଯୋଗେ ସେ ଅଦ୍ଭୁତ, ଭାବ ।
ପ୍ରକୃତି ବୋଲିତ ହୁଏ ଅଭିହିତ
କରେ ସର୍ବ ଅନୁସାତ,
ଉଦାସୀନ ଭାବେ ରହି ଏକଠାବେ
ପ୍ରଧାନ ବୋଲି କଥିତ ।
ବିଦ୍ୟାରେ ବିନାଶ ହୁଏ ବୋଲି ତାର
ଅବିଦ୍ୟା ନାମେ ବିଖ୍ୟାତ
ବ୍ରହ୍ମାଣ୍ଡେ ରହି ତା' ପ୍ରକୃତି ବହି
ବ୍ରହ୍ମଶକ୍ତି ସେ ପ୍ରସିଦ୍ଧ ।
ଚୈତନ୍ୟ ବ୍ୟତୀତ ନ ହୁଏ ଉଦିତ
ନ କରେ, କାହିଁ ସଂସ୍ଥିତ
ତେଣୁ ବ୍ରହ୍ମଶକ୍ତି ଅଟେ ସେ ପ୍ରକୃତି
ବ୍ରହ୍ମବାଦୀଏ ବୋଲନ୍ତି ।
ଶକ୍ତି-ତତ୍ତ୍ୱ, କିଛି କହିବା ବିଶେଷି
ଶୁଣ ଏବେ ସମାହିତ,
ଚିତ, ଜଡ଼ ଭେଦ ଶକ୍ତି ଦ୍ୱୟ ଅଛି
ବ୍ରହ୍ମର ପରିକୀର୍ତ୍ତିତ ।
ଚିତ୍ ଶକ୍ତି ତାହାର ସ୍ୱରୂପ ଅଟଇ
ଜଡ଼ ଯେ, ମାୟା ବିକାର
କାର୍ଯ୍ୟ-ପ୍ରସାଧକ ଜଡ଼ ସେ ଜଗତ
ଚିତ ପରି ନିର୍ବିକାର ।

Digitized by srujanika@gmail.com

ଅଗ୍ନିର ଯେସନ ଶକ୍ତିଦ୍ୱୟ ଅଛି
ଦାହିକା ଯେ ପ୍ରକାଶିକା
କିନ୍ତୁ ଦାହ୍ୟଶକ୍ତି ଅଗ୍ନିରୁ ଅଭିନ୍ନ—
ଭିନ୍ନ ବା କିଷ୍ଟସ୍ୱେ ଏକା ।
ଦାହ କାର୍ଯ୍ୟ ପୂର୍ବେ ସେସ୍ତ କି ପ୍ରକାରେ
ଥିଲା ଅବା କେଉଁଠାରେ ?
ତାହା ଜାଣିନୋହେ, କେବଳ କାର୍ଯ୍ୟରେ
ଅନୁମିତ ହୋଇପାରେ ।
ଅଗ୍ନି ଭିନ୍ନ ବୋଲି ନ ଥାଏ ଅନ୍ୟତ୍ର
ପ୍ରକାଶ ଯେଣୁ ତାହାର
ତେଣୁଟି ତାହାକୁ ଅଗ୍ନିରୁ ଅଭିନ୍ନ
ବୋଲି କରିବା ସ୍ୱୀକାର ।
ମଣି ମନ୍ତ୍ର ଅଦି— ଦ୍ୱାରା ଏ ଶକତି
ରୁଦ୍ଧ ହୁଏ ଯେତେବେଳେ
ପ୍ରକାଶ ନ ପାଏ ଅଗ୍ନିରେ ସେ ଥାଏ
ଦେଖି ନୁହେ ତେତେବେଳେ ।
ତଥାପି ତାହାକୁ ଭିନ୍ନ ବୋଲିବାକୁ
ନିର୍ଦ୍ଦେଶ କରନ୍ତି ଯେବେ
ଭିନ୍ନ ବା ଅଭିନ୍ନ ବୋଲି ନିର୍ବାଚନ—
କରି ନୁହଇଟି କେବେ ।
ଏଥିପାଇଁ ତାହା ଅନିର୍ବଚନୀୟା
ଅଦ୍ଭୁତା ସେ ମାୟାଶକ୍ତି
ସୃଷ୍ଟି କାର୍ଯ୍ୟ ପୂର୍ବେ ଥିଲା ସେ କିରୂପେ
ତାହା କେହି ନ ଜାଣନ୍ତି ।
କେବଳ କାର୍ଯ୍ୟରେ ଅନୁମେୟ, ଧରେ
ବ୍ରହ୍ମଭିନ୍ନ ତା, ଉଦୟ—

Digitized by srujanika@gmail.com

ନାହିଁ ଅନ୍ୟଠାରେ, ତେଣୁ ସେ ବ୍ରହ୍ମରୁ
ଅଭିନ୍ନ ବୋଲି ନିଶ୍ଚୟ ।
ନାମ-ରୂପାତ୍ମକ ମାୟା ଜାଗତିକ
ଅଧିଷ୍ଠାନ ନିର୍ବିକାର
ସଚ୍ଚିଦାନନ୍ଦ— ସ୍ୱରୂପ ନିତ୍ୟ ଶୁଦ୍ଧ
ପରଂ ବ୍ରହ୍ମଙ୍କୁ ବିଗ୍ରହ ।
ବେଦାନ୍ତ ଶାସ୍ତ୍ରୋକ୍ତ ତତ୍ତ୍ୱମସି ବାକ୍ୟ
ଯଥାଶ୍ରୁତି ଅବଗତ
ହୁଅନ୍ତେ, ପ୍ରକାଶେ ମାୟା ତହିଁରେତ
ନୁହଇ ଅବଲୋକିତ ।
ଏହେତୁ ମାୟାକୁ ବ୍ରହ୍ମ-ଭିନ୍ନ ବୋଲି
ନିର୍ଦ୍ଦେଶ କରନ୍ତି ଜନେ,
ପରଂବ୍ରହ୍ମଠାରୁ ଭିନ୍ନ ବା ଅଭିନ୍ନ
ବିଚିନ୍ତ ଯେବେ ମନେ—
ତହିଁ ତ ମାୟାର ଅସ୍ତିତ୍ୱ ଅଭାବ
ଏ ଜ୍ଞାନ ହୁଏ ନିଶ୍ଚିତ,
ସେକାଳେ ସେହି ତ ପରଂବ୍ରହ୍ମଠାରୁ
ଭିନ୍ନ ବୋଲି କଥିତ ।
ସ୍ୱକାର୍ଯ୍ୟଙ୍କୁ ଯାହା ନାମ ରୂପାତ୍ମକ
ଜଗତେ ନ ଥାଏ ତାହା
ଯେହେତୁ ସେ ନାମ, ବାଗିନ୍ଦ୍ରିୟ କାମ,
କେବଳ ଶବଦ ତୁହା ।
ଏହିପରି ମଧ୍ୟ ରୂପହିଁ କେବଳ
ମନୋବିକାର ମାତର
ତହିଁରେ ମାୟାର ଅସ୍ତିତ୍ୱ ସଞ୍ଚାର
ନ ହୁଏ ଜ୍ଞାନ-ଗୋଚର ॥

Digitized by srujanika@gmail.com

ଏ ଦେହରୁ, ଅଛନ୍ନ ଅଟେ ପରଂବ୍ରହ୍ମ
କାର୍ଯ୍ୟ ଅଟଇ ଜଗତ
ଏଥିଁ ଭିନ୍ନ ବୋଲି "ମାୟା" ଜାଣିକର
ଦେହ ସେ ମିଥ୍ୟା ଅସତ ।

ଅଗ୍ନିର ପ୍ରକାଶ ଅଗ୍ନି ଭିନ୍ନ ନୁହେ,
ତାହା ଯେପର ସ୍ୱରୂପ,
ଚିତି ଶକ୍ତି ଏକା ପରଂବ୍ରହ୍ମଙ୍କର
ଅଟଇ ସେହି ସ୍ୱରୂପ ।

ଅନଳରୁ ଭିନ୍ନ ପ୍ରକାଶ ହୋଇଲେ
ନୁହେ ସେ ଯଥା ଅନଳ
ପରଂବ୍ରହ୍ମ ଭିନ୍ନ ଜ୍ଞାନ ପ୍ରକୃତିର
ନାହିଁ ତଥା କଳେବର ।

ଅଗ୍ନିର ସ୍ୱରୂପ ପ୍ରକାଶ ଯେପର
ଚିତି ଶକ୍ତି ସେହିପର
ପରମେଶ୍ୱରଙ୍କ ସ୍ୱରୂପ ଅଟଇ
ଜାଣ ଏବେ ତଥ୍ୟକର ।

ଅଗ୍ନିର ଦାହିକା ଶକ୍ତିପର ଜାଣ
ପରମାତ୍ମାର ସେ ମାୟା
ଜଡ଼ ପ୍ରକାଶ ବିନାଶଶାଳୀ ପୁଣ
ମିଥ୍ୟା ଅଟେ ତାର କାୟା ।

ତତ୍ତ୍ୱଦୃଷ୍ଟି ଯୋଗେ ସେ ମାୟାକୁ ଯେବେ
ମିଥ୍ୟା ବୋଲି ଚିହ୍ନିପାର ।
ତେବେ ସେ ମିଥ୍ୟାର ଜାଣିବ ବିନାଶ
ଜାଣ ଅହେ ପାର୍ଥବୀର ।

ମିଥ୍ୟା ବୋଲି ଏହ— ଜଗତସ୍ୱରୁ ମିଥ୍ୟା—
ବସ୍ତୁର ହୁଏ ବିନାଶ,

Digitized by srujanika@gmail.com

ଯେପରି ରଜ୍ଜୁରେ ସର୍ପଭ୍ରମ ଜ୍ଞାନ
ହେବାମାତ୍ରକେ ପ୍ରକାଶ ।
ରଜ୍ଜୁରେ ସର୍ପର ଭ୍ରମାତ୍ମକ ଜ୍ଞାନ
ରଜ୍ଜୁତତ୍ତ୍ୱ ଅବଗତେ
ମିଥ୍ୟା ହୁଏ ଯଥା, ବିନାଶ, ତଦ୍ରୂପ
ଭ୍ରମକଳ୍ପିତ-ପଦାର୍ଥେ ।
ମିଥ୍ୟା ଜ୍ଞାନ ଏକା ଭ୍ରାନ୍ତିର ବିନାଶ
ତେଣୁ ଏ ମାୟା ମୋହିନୀ
ଜାଣଇ ଯେକାଳେ ମାନବ ସେକାଳେ
ମାୟା ଅଶ୍ଚର୍ଯ୍ୟରୂପିଣୀ ।
ତାହାର ବିନାଶେ ଅନନ୍ତ ବିକାଶେ
ଅଟେ କି ଅଦ୍ଭୁତ ଗତି
ଅନ୍ତର ମୋହିନୀ ବାହ୍ୟର ମୋହିନୀ
ସଂସାରର ଏହି ଗତି ।
ଯେ ଜନ ବିଶେଷ— ମାୟା ଛବି ଲେଶ
ଜାଣି ପାରଇ ଯେକାଳେ,
ମାୟା ତାର ପାଶ ଛାଡ଼ି ସହବାସ—
ବାଞ୍ଛା ନ କରେ ସେକାଳେ ।
ଘୋର ତମୋଗୁଣ- ପ୍ରଧାନା ସେ ମାୟା
ଯେବେ କ୍ଷୁବ୍ଧ ସ୍ଫୁରଇ,
ମହାମାୟା ତେବେ, ମୋହିନୀ ସ୍ୱରୂପେ
ମହା ମୋହେ ନିକ୍ଷେପଇ ।
ତେଣୁ ଏ ଭୂତଳେ ଏ ଜୀବ ସକଳେ
ସେ ମୋହ ପାଶରେ ପଡ଼ି
ଭୁଲି ଆତ୍ମଜ୍ଞାନ ହୁଅନ୍ତି ଅଜ୍ଞାନ
ସ୍ୱାର୍ଥ ସାଧନେ ବିଜଡ଼ି ।

Digitized by srujanika@gmail.com

ଦେହେ ଅହଂ-ବୁଦ୍ଧି ଧରଣ ଦୁର୍ବୁଦ୍ଧି
ମୋ ଦେହ ମୋ ଗେହ ସୁତ
ଦାର ଧନାଦରେ ବଣ, ପ୍ରପଞ୍ଚରେ
ଢ଼ବଣ ପୁଣି ପଣ୍ଡିତ ।
ଅନୁକୂଳେ ହର୍ଷ ପ୍ରତିକୂଳେ ବଷ-
ପରସ୍ପୃ ଶୋକ ବକଳ,
ଜନ୍ମ ମୃତ୍ୟୁ ଜରା କ୍ଲେଶାଦ ବହୁଳ
ଦୁଃସହ ଦୁଃଖ ସମ୍ମଳ—
ସହନ୍ତି ଭୁଞ୍ଜନ୍ତି ପୁଣି କ ଉଚ୍ଛନ୍ତି
ଜନମନ୍ତ୍ର ଏ ଜଗତ,
କୋଃଟଏ ଜନ୍ମରେ ଲଭି ନ ପାରନ୍ତି
ମୁକତ ପରମ ଗତି ।

ଇତ୍ୟଧ୍ୟାତ୍ମ-ବଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀ ବାସୁଦେବାର୍ଜୁନ
ସମ୍ବାଦେ ଶାନ୍ତଗୀତାୟାଂ
ତୃତୀୟୋଽଧ୍ୟାୟଃ । ୩ ।

ଚତୁର୍ଥ ଅଧ୍ୟାୟ ।

ଅର୍ଜୁନ ଉବାଚ ।

ଭାଷିଲେ ପାଣ୍ଡବ ହେ ଦେବ ଯାଦବ !
ଏତ ବଡ଼ ଅସମ୍ଭବ,
ଯେବେ କ ସେ ମାୟା ଦେଲା ମିଥ୍ୟା କାୟା
ତା କାର୍ଯ୍ୟ କାହିଁ ସମ୍ଭବ ।

Digitized by srujanika@gmail.com

ବନ୍ଧ୍ୟାପୁତ୍ର ଯଥା　　　　ରଣରଙ୍ଗ କଥା
ଅଜାତ କୁମାର ସହ—
ପ୍ରତିଦ୍ୱନ୍ଦୀ ହୋଇ　　　　ହେଲା ରଣଜୟୀ,
ମନରେ ଲାଗେ ସନ୍ଦେହ ।
ଅଥବା ଆକାଶେ　　　　ପଦ୍ମର ବଗାଣେ
ବାସ ସୁବାସିତ ପରି,
ମୋ ମତେ ମାୟାର　　　　ଯେ କାର୍ଯ୍ୟ ବସ୍ତାର.
ଅସମ୍ଭବ ସେହିପରି ।

ଶ୍ରୀ ଭଗବାନୁବାଚ ।

କହନ୍ତି ଅଚ୍ୟୁତ　　　　ଶୁଣ ହେ ଭାରତ
ସେହି ଯେ ମିଥ୍ୟାରୂପର
ବିବିଧ ପ୍ରକାର　　　　କାର୍ଯ୍ୟ ଅଛବାର
ହୁଅଇ ଦୃଷ୍ଟିଗୋଚର ।
ରଜ୍ଜୁରେ ଉପୁଜ　　　　ମିଥ୍ୟା ସର୍ପ ଭୟ
କମ୍ପନାଡ଼ ଜନମାଏ,
ଶୁକ୍ତିରେ ଉପୁଜି　　　　ରଜତର ଭ୍ରମ
ଲୋଭ ମୋହ ଉପୁଜାଏ ।
ସେ ମିଥ୍ୟାମାୟାବ　　　　ହିନା ବ୍ୟବହାର-
ସ୍ଥୂଳ ଅଟେ ଏ ଜଗତ,
ଜଗତ ଅନିତ୍ୟ　　　　ମାୟାଙ୍କ ଅସତ୍ୟ
କାର୍ଯ୍ୟ କାରଣ ସଂଗତ ।
ତତ୍ତ୍ୱଜ୍ଞ ଯେ ଜନ　　　　ଜଗତ କାର୍ଯ୍ୟ—
ମିଥ୍ୟା ଯେ ମାୟା ଭୂଷଣ,
ଜାଣିଅଛ ଏହା　　　　କହିଅଛୁଁ ଯାହା
ଅନଘ ! କର ଧ୍ୟାନ ।

Digitized by srujanika@gmail.com

ମାୟା ଅଟେ ମିଥ୍ୟା, ତା' କାର୍ଯ୍ୟହିଁ ମିଥ୍ୟା;
ମିଥ୍ୟା ଏ ଜୀବ ନଶ୍ୱର,
ସ୍ୱପ୍ନତୁଲ୍ୟ ଜ୍ଞାନ ତାହା ସର୍ବ ଜାଣ
ଚୈତନ୍ୟ ଅନ୍ତରପର ।
ଅଜ୍ଞ ଜନ-ଚିତ୍ତ ହୋଇ ବିମୋହିତ
ଜଗତ, ସତ୍ୟ ମଣଇ,
ତତ୍ତ୍ୱଜ୍ଞ ମନରେ ପୂର୍ଣ୍ଣ ଜ୍ଞାନ ହେଲେ
ସେ ସର୍ବ ମିଥ୍ୟା ଲଭଇ ।
ମାୟା ନୁହେ ସତ୍ୟ ତା' କାର୍ଯ୍ୟ ଅସତ୍ୟ
ଜଗତ ଅନ୍ଧାର ଘର,
ସୂର୍ଯ୍ୟୋଦୟ ପର ବ୍ରହ୍ମଜ୍ଞାନ ଧର
ସେ ତମୋ ବିନାଶ କର ।

ଅର୍ଜୁନ ଉବାଚ ।

ପୁଚ୍ଛିଲେ ଅର୍ଜୁନ ହେ ହରେ ! ପ୍ରଥମ
କହିଅଛନ୍ତି ଆପଣ
କର୍ମ ଅକର୍ମର ଭେଦ, ଉଭୟର
ଅଛି ଯା କଲେ ସୂଚନ ।
ତାତ୍ପର୍ଯ୍ୟ ତାହାର ଅଟେ କି ପ୍ରକାର
ସ୍ପଷ୍ଟେ ଯେବେ କି ନସନ୍ତ,
ନିଃଶେଷ ଭାବରେ କହନ୍ତୁ; ଏ ବେଳେ
ଯେଣୁ ଅଛ ଭବତ୍ରାସ ।

ଶ୍ରୀ ବାସୁଦେବ ଉବାଚ ।

ବସୁଦେବ-ନନ୍ଦନ କହିଲେ ଉତ୍ତର !
ଶୁଣ ହେ କୁରୁ ନନ୍ଦନ !

Digitized by srujanika@gmail.com

କର୍ମରେ ଅକର୍ମ   ଦେଖଇ ଯେ ଜନ
ଏ ଅଦ୍ଭୁତ ପୂର୍ବ ବଚନ—
ବଶିଷ୍ଠ ଭାବରେ   ବୁଝାଇବା, ଥରେ
ତାତ୍ପର୍ଯ୍ୟ ଅଛି ଯା' ତାର :
ସାବଧାନ ହୋଇ   ରଖ ତା' ଉଚ୍ଚୋର
ଶୁଦ୍ଧ ମାନସ ଦ୍ୱାର ।
ସ୍ୱପନେ ଯେ କର୍ମ   ହୁଏ ସମ୍ପାଦନ
ନ ଥାଏ ତହିଁ କର୍ତ୍ତୃତ୍ୱ,
ଜାଗ୍ରତେ ସେ କର୍ମ   ଦେଖଇ ଅକର୍ମ
ସଂପର୍କ ଫଳ ରହିତ ।
ସ୍ୱପ୍ନର ବ୍ୟାପାର   ମିଥ୍ୟା ହେତୁ, ତାର
କର୍ମ ଆଉ କର୍ମଫଳ
ମିଥ୍ୟା ଅଟେ ଯେଣୁ,   ଅକର୍ମ ସେ ତେଣୁ
ଜାଣିଥାଅ ଏ ସକଳ ।
ଦୃଷ୍ଟାନ୍ତବାସଙ୍କ   ମତରେ ଯେ ଠିକ,
କହୁଅଛୁଁ ତାହା ଶୁଣ,
ମାୟିକ ଜ୍ଞାନରେ   ଲୌକିକ ବେଶରେ
ଯେ ସର୍ବ କର୍ମଙ୍କୁ ପୁଣ—
ତାହା ମାୟା ରୂପ—   ନିଦ୍ରାଜନ୍ୟ ସ୍ୱପ୍ନ—
ତୁଲ୍ୟ, ମିଥ୍ୟା ବୋଲି ଭାବ
ସ୍ୱପନେ ଜୀବର   ଥାଏ ଅହଙ୍କାର,
କର୍ତ୍ତୃ ଭୋକ୍ତା ଅଦ୍ଧ ଭାବ ।
କିନ୍ତୁ ସେ ଯେତେବେଳେ   ପ୍ରବୁଦ୍ଧ ସେକାଳେ
ମିଥ୍ୟା ବୋଲି ମନେ କରେ
କର୍ମରେ ଅକର୍ମ   ଦେଖେ ସେହି ଜନ
ଅସଙ୍ଗ ସାକ୍ଷୀ ରୂପରେ । ୮ ।

Digitized by srujanika@gmail.com

ଜ୍ଞାନ ଅଭ୍ୟାସ ଅଜ୍ଞ ଅନାସ୍ଥ
ବେଦ ବିହିତ କରମ
ତ୍ୟଜଣ ସକଳ ମନରେ ନିର୍ମଳ
ନ ହୁଏ, ନ ଲଭେ ଶମ ।

ବିହିତ କର୍ମରେ ଶାସ୍ତ୍ର ଅନୁସାରେ
ନ କରେ ଯେ ଅନୁଷ୍ଠାନ
ସେ ଦୋଷେଁ ଅମାପ ହୁଏ ଯେତେଁ ପାପ,
ତା ଫଳଭୋଗୀ ସେ ଜାଣ ।

ତତ୍ତ୍ୱଜ୍ଞ ପୁରୁଷ ଜାଣଇ ଅବଶ୍ୟ
ତାହାଙ୍କୁ ବୋଲି କରମ,
ଅକର୍ମେ କରମ ଦର୍ଶନ ବୋଲିଣ
ଏହାକୁ ଏବେ ଜାଣିମ ।

ସକଳ ବେଦର ଉଦ୍ଦେଶ୍ୟ ଯାହାକୁ
ଟପନ୍ତୁ କର୍ମସମୂହର—
ଯେ ଫଳ, ହୁଅଇ, ତତ୍ତ୍ୱଜ୍ଞାନ ସେହୁ,
ତାହା ଜାଣଇ ଯେ ନର ।

ତେଣୁ ସେ ତତ୍ତ୍ୱଜ୍ଞ, ଯେଣୁ ସେ ବିଦ୍ୱାନ,
ଏଣୁ ସର୍ବ କର୍ମକାଣ୍ଡ,
ସର୍ବବେଦ ଯହିଁ ଏକୀଭୂତ ହୋଇ,
ସେହି ପ୍ରମାଣ ବସ୍ତୁ ।

ସତ୍ୟ, ଭୁକ୍ତ, ମିଥ୍ୟା ଅଟେ ଏ ଜଗତ
ବୃଥା ଅଟେ ଧନଞ୍ଜୟ !
ଅଜ୍ଞାନ, ତପସ୍ୟା, ଦାନ, ଯଥାସ୍ଥ
ବିବିଧ ଭାବ କର୍ତ୍ତବ୍ୟ ।

Digitized by srujanika@gmail.com

ଅଜ୍ଞ ବୋଲେ ସତ୍ୟ ଅଟେ ଏ ଜଗତ
ବସ୍ତୁସ୍ଥ ବୋଲିଣ ଦେଖୁ,
ବିଜ୍ଞ ବୋଲେ ସର୍ବ— ମିଥ୍ୟା, ଏହୁ ଭଳି
ଜାତ ହୋଇଲା ଦୃଷ୍ଟି । ୨୬-୨୭

ଅର୍ଜ୍ଜୁନ ଉବାଚ ।

କହନ୍ତି ଅର୍ଜ୍ଜୁନ ହେ ମଧୁସୂଦନ !
ଏ ସତ୍ୟ ତତ୍ତ୍ୱ ବଚନ
ବିସ୍ତୀର୍ଣ୍ଣ ଭାବରେ କହିଲେ ଯା, ମୋରେ
ନିଃସନ୍ଦେହ ହେଲା ମନଃ ।
ହେଲି ମୁଁ କୃତାର୍ଥ ପୁଣି କହେ ପାର୍ଥ
ଅନ୍ୟ ଏକ ପ୍ରଶ୍ନର
ସଦୁତ୍ତର କର ସେ ତତ୍ତ୍ୱ ଓଁକାର
କହନ୍ତୁ, ସୁଖୀ ହୋଇବ ।
“ସର୍ବ କର୍ମ ପର— ତ୍ୟାଗ କରି ଏକା
ମୋତେହିଁ ଶରଣ ନିଅ”
ଏ କଥା ପ୍ରଥମ, କହୁଛ ଆପଣ,
ତାତ୍ପର୍ଯ୍ୟ ବୁଝାଇ ଦିଅ ।

ଶ୍ରୀ ଭଗବାନୁବାଚ ।

ବୋଇଲେ ଶ୍ରୀହରି ଶୁଣ ହେ ଉଦାର !
ବୋଲୁଛୁଁ ତାହା ବିସ୍ତାର
ନିତ୍ୟ, ନୈମିତ୍ତିକ, କାମ୍ୟ, ପ୍ରାକୃତିକ,
ନିଷିଦ୍ଧ; କର୍ମ ଏପର—
ହେଲା ପଞ୍ଚବିଧ, ବେଦରେ ପ୍ରସିଦ୍ଧ,
ଏମାନଙ୍କ ତତ୍ତ୍ୱ ଶୁଣ
ତେବାଦ “ଅଦ୍ଭୁତ— କର୍ମ” ଯାହା ମତ
ବେଦେ ହୋଇଛି ଖ୍ୟାତ ।

* ସାଙ୍ଖ୍ୟଗୀତା

Digitized by srujanika@gmail.com

ବେଦରେ ଯାହା କ ନିବାରଣ ଅଛି
ସେ "ନିଷିଦ୍ଧ" ଅଭଦମ ।
ସ୍ୱାଭାବିକ କର୍ମ — ସମ୍ଭବେ, ନିୟମ
ହୋଇଅଛି, ଉଦାସୀନ ।

ଭୋଜନ ପାନାଦି ଦୈହିକ କର୍ମରୁ
ମଳ ମୂତ୍ର ବିସର୍ଜନ
ଜୀବର ଏ ସବୁ ସ୍ୱାଭାବିକ କର୍ମ
କହିଅଛନ୍ତି ଗଣନ ।

ସନ୍ଧ୍ୟା ବନ୍ଦନାଦି ଯାହା ଚିତ୍ତଶୁଦ୍ଧି—
ନିମିତ୍ତ ଅଟେ ପ୍ରଶସ୍ତ
ଅବଶ୍ୟ କର୍ତ୍ତବ୍ୟ ବୋଲିଛନ୍ତି ବେଦ,
ନ କଲେ ପତିତ ବ୍ୟସ୍ତ । ୧୮-୧୧

ଯେଣୁ କରଣୀୟ, ନୋହେତୁ ପ୍ରତ୍ୟବାୟ,
ତାକୁ ନିତ୍ୟକର୍ମ କହ,
ପୁଣି କେହି ସୁଧୀ ବୋଲନ୍ତି ଏପରି
ନିତ୍ୟକର୍ମେ ଫଳ ନାହିଁ ।

କାମ୍ୟ କର୍ମ ପରି ନିତ୍ୟକର୍ମ ଧରି —
କହିଛନ୍ତି ସେ ଯୁକ୍ତିରେ
ମାତ୍ର ହେ ଅର୍ଜୁନ ! କର୍ତ୍ତବ୍ୟ ଯେ କର୍ମ
ନିଷ୍ଫଳ କି ହୋଇପାରେ ?

କର୍ମହିଁ ସଫଳ, ନୁହନ୍ତି ନିଷ୍ଫଳ,
ଫଳ ଲାଭରେ ପ୍ରବୃତ୍ତି;
ନୋହିଲେ ପ୍ରବୃତ୍ତି. ନ ଅଟରେ ଯତ
ଫଳଦୃଷ୍ଟିରେ ନିବୃତ୍ତି ।

Digitized by srujanika@gmail.com

ଯେପରି ତର୍ପଣ ଉପାସନା ପୁଣ
ତତ୍ତ୍ୱ ବସ୍ତୁର କର୍ମର,
ସାଧନ ସ୍ୱରୂପ ଶ୍ରବଣ ମନନ
ନିଦଧ୍ୟାସନାଦ ଧର ।

ଏଥିର କାରଣ ଫଳ "ତତ୍ତ୍ୱଜ୍ଞାନ"
ତଦ୍ରୂପ ନିତ୍ୟକର୍ମର —
ଫଳ 'ଦେବଲୋକ — ପ୍ରାପ୍ତି' ହୁଏ ଏବେ,
ଚିତ୍ତଶୁଦ୍ଧି ଯେ ଅପର । ୧୩, ୧୪

ଭୋଗାସକ୍ତ ଅଟେ କାମ୍ୟ କର୍ମେ ରତେ
ଐହିକ ପାରଲୌକିକ
ପ୍ରାପ୍ତ ହୁଏ ନର 'ସୁଖ ସମ୍ଭୋଗର
ଫଳ, ପ୍ରକୃତ କାମ୍ୟକ ।

ନିଷିଦ୍ଧ କର୍ମର ଅନୁଷ୍ଠାନ ଧର
ଯେ ଫଳ ହୁଏ ଲବଧ
ଇହ ପରଲୋକେ ଦୁଃଖ ଭୋଗ, ଶୋକେ —
କଥିତ ସେ ଏବଂବୁଧ ।

ଜାଣ ଏବେ ପାର୍ଥ ! ଯେ ସର୍ବ ପଣ୍ଡିତ
ନିତ୍ୟକର୍ମେ ଫଳ ନାହିଁ —
କହନ୍ତି, ତାହାଙ୍କ କଥା ଅଯୌକ୍ତିକ,
ପାପିଷ୍ଟ ଅଟନ୍ତି ସେହି ।

ହେ ପାର୍ଥ ! ନିତ୍ୟ କର୍ମ କି ପ୍ରକାର
କର୍ତ୍ତବ୍ୟ ହୋଇ ନ ପାରେ ?
ଫଳ-ଅଭାବରେ ପ୍ରବୃତ୍ତି ଘଟରେ,
ପ୍ରବୃତ୍ତି କର୍ମ ଅତରେ ।

Digitized by srujanika@gmail.com

ଫଳର କାମନା ନ ଥିଲେ, ଭାବନା
ପ୍ରବୃତ୍ତିରେ ହୁଏ ନାହିଁ,
ନ ହେଲେ ପ୍ରବୃତ୍ତି ଅତଏବା ଜଡ
ଅସମ୍ଭବ ତାହାଠାଇଁ ।
ନ କଲେ ଯାହାକୁ ପ୍ରତ୍ୟବାୟ ହେତୁ-
ପାପ ଫଳ ଉପୁଜଇ,
ତାହା ଯେବେ କର ଶୁଭ ହୁଏ ତାର
ପାପ ଅବଶ୍ୟ ଦୂରଇ ।
ଫଳାଭାବ ହେଲେ ପ୍ରତ୍ୟବାୟ ବୋଲେ
ପାପ ଫଳର ଉତ୍ପତ୍ତି
ଏକଥା ମନରେ ନ ବିସ୍ମର ଥରେ,
ପାପର ନ ଥାଏ ଗତି ।
ଯେପରି ଅଙ୍କୁରୁଁ ଭାବର ଉତ୍ପତ୍ତି
ହୋଇ ନପାରେ ସମ୍ଭବ
ଫଳର ଅଭାବେ ପାପର ଉଦ୍ଭବ
ସେହିପରି ଅସମ୍ଭବ । ୧୫ ।
ଏହେତୁ ଜାଣିବ ଯେସନ୍ତ ନିତ୍ୟକର୍ମ
ତାର ଫଳ ସୁନିଶ୍ଚିତ,
ଯେ କେହି କହନ୍ତି ଫଳ ନାହିଁ ଏଥି
ସେସବୁ ପ୍ରତ୍ୟକ୍ଷ ମତ ।
ନିମିତ୍ତ-ଜନିତ ଯେ କର୍ମ ବିହିତ
ହୋଇଅଛି ଏ ସଂସାରେ
ନୈମିତ୍ତିକ ବୋଲି ତାହାକୁ ବିସ୍ମର
ବୁଝ ଏବେ ସ୍ପଷ୍ଟଭାବରେ ।
ପୁତ୍ର ଜନ୍ମ ଆଦି ଜାତ କର୍ମ ପିଣ୍ଡି
ଅନ୍ନପ୍ରାଶନାଦି ଯାହା

Digitized by srujanika@gmail.com

ବିବାହ କାଳରେ ଅଭ୍ୟୁଦୟିକାଦ
ପ୍ରଶସ୍ତ କରମ ତାହା ।
ପିତୃ ମାତୃ ମୃତେ ବନ୍ଧୁଗଣ-ସ୍ନେହ-
ଶ୍ରାଦ୍ଧ, ଚନ୍ଦ୍ର-ତପନର—
ଗ୍ରହଣେ, ଯେ ଦାନ ଶ୍ରାଦ୍ଧ ତର୍ପଣାଦ
କର୍ମ ନୈମିତ୍ତିକ ଧର ।
ଏହି ନୈମିତ୍ତିକ କର୍ମର ଯେ ଫଳ
ହୋଇଅଛି ଉବଷିତ
ସେ କେବଳ ମାତ୍ର 'ଚିତ୍ତଶୁଦ୍ଧି' ଅର୍ଥେ
ଅପରିହାର୍ଯ୍ୟ ସମ୍ମତ ।
କାମ୍ୟ କର୍ମ ତାହା, କାମନା ସଂଯୁକ୍ତ
ସ୍ୱର୍ଗାଦ ସୁଖ ସାଧନ,
ଐହିକ କୁଶଳ, ସମୃଦ୍ଧି, ଜସ୍ୱାଦ
ଧନାଗମ ଯାହା, ଗଣ ।
ଦେହାତ୍ମବୁଦ୍ଧିର ଦୃଢ଼ତା ବଶରୁ
ଏଥି ଦୃଢ଼ ସତ୍ୟ ଜ୍ଞାନ
ସେହି ତ ହୋଇଛି ଏ ଦୁଖ ସଂସାର —
ବନ୍ଧନ-ରୂପ କାରଣ ।
ଏ ଯୋଗେ ସ୍ତବକ ସଯତ୍ନେ ତେଜିବ
କାମ୍ୟ, ନିଷିଦ୍ଧ, କରମ
କାମ' ନିଷିଦ୍ଧର ଫଳ, ବନ୍ଧନର-
ହେତୁ, ବୋଲିଷ୍ଟ ଜାଣିମ ।
କିନ୍ତୁ କାମ୍ୟ କର୍ମ ହେଲେ ତ୍ୟାଜ୍ୟ, ପୁଣ
ଅଧିକାରୀ-ବିଶେଷରେ
ହୁଏ ଉପଯୋଗୀ କସ୍ୱାନ୍ତ ସସ୍ୱଧୀ
କାମନା ଛିଡ଼ି ଅଶାରେ ।

Digitized by srujanika@gmail.com

କାମନା ଲଭରେ   ପ୍ରଲୁବ୍ଧ ହୋଇଣ
ପ୍ରବୃତ୍ତ ହୁଏ ସେ ଜନ
ବୈଦିକ ବହୁତ   କର୍ମେ ବହିର୍ମୁଖ
ହୋଇଥାଏ ତାର ମନଃ ।
ତେଣୁ ସେ ଦୁର୍ବୁଦ୍ଧି   ଦୁସ୍ତର ନଷ୍ଟ
ପାମର ବୋଲି ଜାଣିବ
ତାହାର ପ୍ରବୃତ୍ତି —   ସଫଳତା ଲଭି
କର୍ମେ ପ୍ରବୃତ୍ତ କରିବ ।
ସେ କାମ୍ୟ କର୍ମର   ଅବାନ୍ତର ଫଳ-
ଭୋଗ-ଶେଷେ ତତ୍ତ୍ୱବୁଦ୍ଧି —
ହୋଇଥାଏ ଯେଣୁ   ଫଳ ଲୋଭେ ତେଣୁ
ବନ୍ଧୁଜନେ ସତ୍ତ୍ୱବୁଦ୍ଧି ।
ସତ ସେ ପ୍ରବୃତ୍ତି   ତାର ବୃଦ୍ଧି ପାଇଁ
କାମ୍ୟ କର୍ମର ବିଧାନ,
କାମ୍ୟେ ଅବାନ୍ତର-   ଭୋଗ, ଅନ୍ତେ ପୁଣି
ହୁଅଇ ବୁଦ୍ଧି ଶୋଧନ ।
ଜନ୍ମ ଜନ୍ମାନ୍ତର   କରି କାମ୍ୟ କର୍ମ
ଶେଷେ ଘଟଇ ନିବୃତ୍ତି,
ଦୁର୍ବୃତ୍ତିରୁ ପୁଣି   ନିବୃତ୍ତି ଅଧିକ
ନିଷ୍କାମେ ବଳାଏ ମତି । ୨୯-୩୧ ।
ବିଶ୍ୱସବଧନା —   ଦୁଗ୍ଧ ଯାହା ତାହା
କାମନା-ଜଳ- ମିଶ୍ରିତ
ବୈରାଗ୍ୟ ଅନଳ-   ତାପେ ସେହୁ ଜଳ
କରିବ ପରିଶୋଷିତ ।

Digitized by srujanika@gmail.com

ଉକ୍ତ-ଅବସ୍ଥା — ରୂପ ସେହ୍ନ ଷୀର
ଅବଶେଷ ମାତ୍ର ରହେ,
ଏଥି ଉତ୍ପତ୍ତି ହୁଏ, ସତ୍ତ୍ୱବୁଦ୍ଧି
କାର୍ଯ୍ୟର ତାତ୍ପର୍ଯ୍ୟ କହେ ।

ଏକ କର୍ମ ଯାକୁଁ ଦୁଇଟି ଅଙ୍କୁର
ହୋଇଥାଏ ଉତପନ୍ନ,
ଗୋଟିକର ନାମ 'ଅପୂର୍ବ' ଅଟଇ
ଅପର 'ବାସନା' ଜାଣ ।

ଅପୂର୍ବ-ଅଙ୍କୁରେ କର୍ମଫଳ ଭୋଗ
ହୋଇଥାଏ, ତାହା ପୁଣି
ଭୋଗ ଦେଇ ସେହି ନଷ୍ଟ ହୁଅଇ
ଜାଣ ଅଟେ ଫାଲଗୁନ ।

ଶୁଭାଶୁଭ ଭେଦେ 'ବାସନା' କର୍ମର
ବହୁବିଧ ସୃଷ୍ଟି କରେ,
ବାସନାରୁ ପୁଣି କର୍ମର ପ୍ରବୃତ୍ତି,
କର୍ମରୁ ବାସନା ଝରେ ।

ବୀଜରୁ ଅଙ୍କୁର, ଅଙ୍କୁରୁ ଗଛର
ହୁଏ ଯଥା ଅତଯାତ,
ବାସନା ସଂଯୋଗେ କର୍ମବନ୍ଧ ଯୋଗେ
ପ୍ରାଣୀଏ ହୋଇ ସଂଯତ-

ଜନ୍ମ ମୃତ୍ୟୁରୂପ ସଂସାର ଚକ୍ରରେ
ନିୟତ ଭ୍ରମଣ କରି
କଦାପି ନିବୃତ୍ତି ନ ଲଭି, ଅଶାନ୍ତ—
ପଥରେ ଘୂରନ୍ତି ମର ।

Digitized by srujanika@gmail.com

ଦୁଃଖର କାରଣ, ତେଣୁ ଏ କରମ
ପ୍ରାଣିଙ୍କ ପଦ-ଶୃଙ୍ଖଳ
ବୈଷମ୍ୟ-ଚକ୍ରରେ ଚଲ୍ଲା ଭଳାପାଇ
ଭୁଞ୍ଜାଏ ଦୁଃଖ ସକଳ ।
ଜୀବର ବାସନା ହେଲ ଭଳ ହିନା
ତେଣୁ ଚକ୍ର ଚକ୍ରାକୁଳ;
ନାନା ଦୁଃଖ ଭୋଗି ହୁଏ ସଦା ଯୋଗୀ
କରଏ କର୍ମ ଜଞ୍ଜାଳ ।
ଏଣୁ ଯାହା ଅମ୍ଭେ କୋଲଅଛୁଁ ପୂର୍ବେ
ସର୍ବ କର୍ମ ପରିହରି
ଏକମାତ୍ର ମୋତେ ଶରଣ ଲଅ ହେ,
ସେ କଥା-ମର୍ମ ଏପରି,—
* ସଂଘାତ ଦୃଷ୍ଟିରେ ମୋତେ ଯେ ଶରଣ
ନ ଧର ହେ ଅର୍ଜୁନ !
ସ୍ୱରୂପ ଦୃଷ୍ଟିରେ ମୋତେ ସେ ପ୍ରାପତ,
କହିଥିଲି ଏବେ ଜାଣ ।
ମୁହିଁ ଏକମାତ୍ର ସଚ୍ଚିଦାନନ୍ଦ ତ
ସେହି ସ୍ୱରୂପ ଅକ୍ଷୟ
ବେଦରେ କଥିତ ହୋଇଛି ସେ ବ୍ରହ୍ମ
ଏକ ପୁଣି ଅଦ୍ୱିତୀୟ ।
ବ୍ରହ୍ମ-ଭିନ୍ନ ଅନ୍ୟ- ବସ୍ତୁ ଅଛି କଛି
ନାହିଁ ନାହିଁ ଏ ଜଗତେ
ଏକ ଶବଦର ପ୍ରମାଣ ହୋଇଛି
ଏ ତତ୍ତ୍ୱ ଧର ଚିତ୍ତରେ ।

---

* ଅର୍ଥ — ଶରୀରର ସ୍ଥୂଳଦୃଷ୍ଟିରେ ।

Digitized by srujanika@gmail.com

'ସର୍ବଭୂତେ ମୁହିଁ ଏକମାତ୍ର ଥାଇଁ'
ଯେ ଏହା ନିତ୍ୟ ଦେଖଇ
ସେହି ତତ୍ତ୍ୱଦର୍ଶୀ ଯଥାର୍ଥ ଅଟଇ
ତାର ଜାତିଭେଦ ନାହିଁ ।
ଅହେ ମହାବାହୋ ! ସନ୍ନ୍ୟାସ କରଣ
ତ୍ୟଜିବ ସକଳ କର୍ମ
କର୍ମ ଚିନ୍ତା ଏତ ଅହ୍ଲାରେ ପ୍ରବୃତ୍ତ
ଚିତ୍ତେ ଧରିବ ସଂଯମ ।
ବିଶ୍ୱରେ ବିବେକ- ପଣରେ, କର୍ମର
ତ୍ୟାଗହିଁ ସନ୍ନ୍ୟାସ କହ,
ସ୍ୱେଚ୍ଛାରେ ଅବୈଧ କଲେ, କର୍ମତ୍ୟାଗ
ପାପେ ଲିପ୍ତ ହୁଏ ସେହି ।
ସନ୍ନ୍ୟାସର ଅର୍ଥ ସମ୍ୟକ୍ ରୂପେ ତ୍ୟାଗ,
ଆତ୍ମଜ୍ଞାନେ ପ୍ରତିଷ୍ଠିତ,
ଆତ୍ମଜ୍ଞାନ ବିନା କର୍ମ ବିସର୍ଜନ
କରେ ଯେ, ହୁଏ ପତିତ ।
ଯେପରି ନଦୀର ଉତ୍ତୁଙ୍ଗ ଲହର
ଡୋଙ୍ଗା ଅଣା ନ ଯାଇ
ମଝିରେ ଭାସଇ କୁମ୍ଭୀର ଗ୍ରାସଇ
ସେ ତୁଳନା ଏଥିଠାଇଁ ।
ଆତ୍ମଜ୍ଞାନ ବିନା କର୍ମତ୍ୟାଗ ଯିବା
ଦ୍ୱିକୂଳ ବନାକୋଷ
କର୍ମ-ବ୍ରହ୍ମ-ଭ୍ରଷ୍ଟ ସେ ତନ୍ତ୍ରୀ ବୈଷ୍ଣବ
ଦୋହ ହୁଏ ଅହଂକାରୀ ।
ତାର ଅହଂକାର ଭୀଷଣ କୁମ୍ଭୀର—
ଆକାର କରେ ଧାରଣ

Digitized by srujanika@gmail.com

ଅପାର ଲୋଭରେ ଦ୍ରବ୍ୟ ସଞ୍ଚୟର
ଗ୍ଲାନିର ସେ ପୁନଃ ପୁନଃ ।
ଉଦର ପୂରଣ, ଦ୍ରବ୍ୟ ଆସ୍ୱାଦ—
ଏଷଣାସ୍ତ ସେ ଅନୁରକ୍ତ
ଅସ୍ତଚକ୍ର-ପଥ— କୁକ୍ଷ ସେ ସନ୍ନ୍ୟାସୀ
ନାମେ ଅତ ହେମିତ ।

ସେଠ ସକଳରେ "ମାଷ୍ଟର ଯୋଗିର"
କଥା ହୋଇଲା ପୂରଣ,
ସନ୍ନ୍ୟାସ ଧର୍ମର ଜଳନ୍ଧ ଅସେପ—
କର, ଲଭନ୍ତୁ ମରଣ ।

ଏଣୁ ହେ ବଜନ୍ତୁ ! ବୈରାଗ୍ୟ ଅଶନ୍ତୁ—
ଜରଣ, ବିଧିପୂର୍ବକ—
ସର୍ବ କର୍ମ ତ୍ୟାଗ- କର, ମହାଜ୍ଞାନ !
ଲଭିବ ବ୍ରହ୍ମପଦକୁ ।

ମୁହିଁ ଏକମାତ୍ର ଅବିନାଶୀ ଗାତ୍ର
ସଚ୍ଚିଦାନନ୍ଦ-ସ୍ୱରୂପ
ମୋତେ ତ ଅଚ୍ଛିନ୍ନ କରିବ କଞ୍ଚନ୍ତୁ
ମୋତେ ନ ମଣ * ଏରୂପ ।

ଅହଂ ଏ ପଦର ଲକ୍ଷ୍ୟ ଅଟେ ମୁହିଁ
ଅହଂ ପ୍ରକୃତିର ସାକ୍ଷୀ
ନଶ୍ୱର ଇନ୍ଦ୍ରିୟ ମୋତେତ ଜାଣିବ
ନୋହେ ମୁଁ ତୁମ୍ଭର ସାଥୀ ।

* ମୁଁ ଏ ମାନବ ରୂପ ବୋଲି ମନରେ କରନାହିଁ-ଏହି ଭାବ ।

Digitized by srujanika@gmail.com

ଅହେ ଅର୍ଜ୍ଜୁନ ! ଆପଣା ଜୀବନ
'ଅଭେଦ-ବ୍ରହ୍ମ ସ୍ୱରୂପ'
ଏ ଭବ ବନ୍ଧନ୍ତି ମୁକ୍ତ ହୁଅ ଜାଣି,
ନ କର ବୃଥା ବିଳାପ ।
'ମୁହିଁ' 'ମୋର' ଏହା ଭାବ ଯାଏ ରହ
ତେବେ ଅହଂବୁଦ୍ଧି ଭବ
ମୋତେ ଦେଖି ତୋର ଉତ୍ପନ୍ନ ମୁହେଁ
ବୁଦ୍ଧି ସମ୍ପନ୍ନ ଭଉ ।
ସତ୍ୟ ଶୁଭ ମୋର ଭବ ଅବିଚାର
ନ ଜାଣନ୍ତି ସେହୁ କେବେ
ଅଜ ଦେହ ଧର ମୋତେ ଦେହଧାରୀ
ମନେ କରନ୍ତି ଏ ଭବେ ।
ତୁମ୍ଭେ ଅମ୍ଭେ ସର୍ବେ ଚୈତନ୍ୟ ସ୍ୱରୂପେ
ଏକ ସ୍ୱରୂପରେ ଜାଣ,
ଏହୁ ସର୍ବୋତ୍ତମ ସର୍ବସାର ତତ୍ତ୍ୱ
ଦେଲୁଁ ତୁମ୍ଭଙ୍କୁ କହିଣ ।
ଜୟ ବାସୁଦେବ ଅଚ୍ୟୁତସମ୍ଭବ
ତୁମ୍ଭ ପଦ-ଭରସା
ଶାସ୍ତ୍ର ଶରଣ- ଶ୍ରୀପଦେ ମାନସ
ରହି ଲେପଇ ଭ୍ରମର ।

ଇତ୍ୟାମୃତବଦାସ୍ୟଂ ଯୋଗଶାସ୍ତ୍ରେ ଶ୍ରୀବାସୁଦେବାର୍ଜ୍ଜୁନ ସମ୍ବାଦେ
ଶାନ୍ତିଗୀତାୟାଂ ଚତୁର୍ଥୋଽଧ୍ୟାୟଃ । ୪

ପଞ୍ଚମ ଅଧ୍ୟାୟ ।

ଅର୍ଜୁନ ଉବାଚ ।

ବୋଲନ୍ତି ଅର୍ଜୁନ ହେ ଦେବ, ନିର୍ଗୁଣ
ଶ୍ରୀକୃଷ୍ଣ ବିଶ୍ୱମୋହନ ।
ଚତୁର୍ଥ ପୁରୁଷ— ମାନଙ୍କ କର୍ତ୍ତବ୍ୟ,
ଲକ୍ଷିଲି, କର ଶାସନ ।

ବିଶେଷ ଲକ୍ଷଣ ଅଛି ଯାହା ପୁଣ
ସେମାନଙ୍କ ସ୍ୱଦେହରେ
ସବସ୍ତ ବ କର ପ୍ରକାଶ ହେ ହରି !
କୃପା ବହି ସୁଭକ୍ତରେ ।

ଶ୍ରୀକୃଷ୍ଣ ଉବାଚ ।

ଶ୍ରୀକୃଷ୍ଣ କହନ୍ତି ସଖେ ! ସବ୍ୟସାଚି !
ପୁଛିଲ ଯେଉଁ ଭାରତ
ଚତୁର୍ବେଦଙ୍କର କର୍ତ୍ତବ୍ୟାକର୍ତ୍ତବ୍ୟ
କି ଅଛି ? ନାହିଁ ସମ୍ପ୍ରତି ।

ଯେ ବିଧି ନିଷେଧ— ବର୍ଜିତ ସେମାନେ
ଅନିର୍ଦ୍ଦିଷ୍ଟ ବ୍ରହ୍ମ ସ୍ୱରୂପ
ଅଯୁକ୍ତି ନିଷେଧ— କରଣେ ତାହାଙ୍କୁ
ବେଦର ପ୍ରବୃତ୍ତି ଲୋପ ।

ଯେ ଜନ ପରମ- ବ୍ରହ୍ମକୁ ଜାଣଇ
ସେ ହୁଏ ବନ୍ଧ ବର୍ଜିତ,
ସ୍ୱୟଂ ବ୍ରହ୍ମ ଯେଣୁ ସଦାନନ୍ଦ ହେତୁ
ପରମାତ୍ମାରେ ବସନ୍ତି ।

Digitized by srujanika@gmail.com

ଶୁଭେ ବା ଅଶୁଭେ ପ୍ରବୃତ୍ତି ନିବୃତ୍ତି
ନାହିଁ ତତ୍ତ୍ୱବେଦଙ୍କର
ଅଦେହ ହେତୁରେ କର୍ମ, କର୍ମଫଳ—
ଭୋଗ ନ ଥାଏ ତାଙ୍କର ।
ଦେହ,ପ୍ରାଣ, ମନ, ବୁଦ୍ଧି, ଅହଂକାର,
ଇନ୍ଦ୍ରିୟ, ଦୈବ, ବାସନା,
ଚକ୍ଷୁ, ଚେଷ୍ଟା ଅର୍ଥ ଏ ଦଶ ସଂଯୋଗେ
ହୁଏ କର୍ମ ସମ୍ଭାବନା ।
ଈଶ୍ୱର ବଳରେ ଜଡ଼ ବୋଧକରେ
ଜ୍ଞାନୀଏ ସର୍ବ ଉପାଧି
ଅଦ୍ୱୟ ସଚ୍ଚିଦା- ନନ୍ଦ ସ୍ୱରୂପରେ
ବିଶ୍ରାମ ଲଭେ ଉଦାସୀ ।
ଲେଶମାତ୍ର କର୍ମ ନ ଥାଏ ଏହାର
ଯେଣୁ ସେ ଯତି, ଜିତେନ୍ଦ୍ରିୟ
ଯେହୁ କର୍ମ କର୍ତ୍ତା ସେହୁ ଫଳଭୋକ୍ତା
, ଏ କଥା ଜାଣ ନିଶ୍ଚୟ ।
ଈଶ୍ୱର ଥାଅନ୍ତେ ଯେ କର୍ମ ହୁଅଇ
ବୋଲି ପ୍ରତ୍ୟକ୍ଷ କରନ୍ତୁ
ସେ କର୍ମର କର୍ତ୍ତା, ଭୋକ୍ତା, ଅହଂକାର,
ପାତକ, ଅଟେ ଜୀବସ୍ଥ ।
ସାକ୍ଷୀ ସ୍ୱରୂପରେ ଅଛସେ ଅସ୍ୱାରେ
ଜ୍ଞାନୀ, ସାକ୍ଷୀ, ସ୍ୱପ୍ରକାଶ,
କୂଟସ୍ଥ, ଚୈତନ୍ୟ- ସ୍ୱରୂପ, ବ୍ୟାପକ,
ନ କରେ ଏଙ୍କ ପ୍ରରଣ ।
ଲୋକଙ୍କ କରମ ସୂର୍ଯ୍ୟଙ୍କୁ ଯେସନ
ସ୍ପର୍ଶ କରି ନ ପାରଇ

Digitized by srujanika@gmail.com

ମାତ୍ର ଚିତ୍ତ ବଧ- ଧୈର୍ଯ୍ୟ-ଅପରାଧ
କ୍ଷମି ଜନେ ନ ଛୁଇଁ ଅଛ ।
ଦେହ ଅଭିମାନ ଛାଡ଼ିଣ ତତ୍ତ୍ୱଜ୍ଞ
ଶୁଦ୍ଧ କାର୍ଯ୍ୟ ଆଚରଣ
ଲୋକ ଯାତ୍ରା ଅନୁ- ରୂପ ଲୋକ-ସଙ୍ଗେ
କରେ ପୁଣି ଆଚରଣ ।
ପବନ ସମାନ ଉଦାସୀ ହୃଦୟ
ଆସକ୍ତି-ସଙ୍ଗ-ରହିତ
ବାହ୍ୟେ ଦେହ ଥାଇ ନିର୍ବିକାର ସଦା
ନିଜରୂପେ ଅବସ୍ଥିତ । ୧୦ ।

ତତ୍ତ୍ୱଜ୍ଞ ଜନର ବିଶେଷ ଲକ୍ଷଣ
କଅଛି ? ବୋଲି ପଚ୍ଚର
ଯେହୁ ସ୍ୱଭାବରେ ବିଲକ୍ଷଣ ଅଟେ
ତା ଲକ୍ଷଣ କାହିଁ ଧର ।
ଉପାଧିରେ ହିଁ ନା ଲକ୍ଷଣାଲକ୍ଷଣ
ଦେଖା ଯାଉଥାଏ ଜାଣ
ସେ ଯେ ନିରୁପାଧି ସାକ୍ଷାତ୍ ବ୍ରହ୍ମରୂପୀ
କିନ୍ତୁ ନାହିଁ ତା ଲକ୍ଷଣ ।
ତଥାପି 'ତଟସ୍ଥ'- 'ସ୍ୱରୂପ' ଲକ୍ଷଣ
ଅଛି ବେଦେ ଯା ପ୍ରମାଣ
ସେ କେବଳ ଲକ୍ଷ୍ୟ- ବସ୍ତୁ ପ୍ରବୋଧନେ
ହୋଇଅଛି ନିର୍ଦ୍ଧାରଣ ।
ଅଲକ୍ଷ୍ୟ ଲକ୍ଷଣ ସ୍ୱଭାବତ ଭାବ
ନ ଥାନ୍ତା ଯେ ସମ୍ଭାବନା
ବିଲକ୍ଷଣ ଯେହୁ ଲକ୍ଷଣରେ କାହିଁ
ସେ ହେବ କପର ଜଣା ।

Digitized by srujanika@gmail.com

ତତ୍ତ୍ୱସ୍ୱବରେ ନିତରଙ୍ଗ ଭବେ
ସ୍ୱବାସ୍ୱବ-ବିବର୍ଜିତ
ଉପାଧି ଦୃଷ୍ଟିରେ ସର୍ବାତ୍ମ ଭବେ
ପୁଣି ଅସ୍ତୁଁ ଅଗତ ।
ଯେସନ ପବନ- ଯୋଗେ ସର୍ପ ଭାଗ
ଝୁଲୁଥାଏ ଅନୁକ୍ଷଣ
ପ୍ରାରବ୍ଧ କର୍ମର ସାଧନେ ଶରୀର
କରେ ସ୍ଥଳନ ତେସନ ।
ଯଥା ଭୋଜ୍ୟ ଭୋଗ- ସମସ୍ତେ ଉପ୍ଯୋଗ
କରେ କ୍ଷୁଣ୍ଣ ଏ ଶରୀର
ବେଶ ବିବର୍ଜିତ ହେଲେହେଁ ସେହୁ ତ
ହୁଏ ନାନା ବେଶଧର ।
ସ୍ୱରୂପ ଦୃଷ୍ଟିରେ ନ ଥାଏଟି ଲେଶ
ଉପାଧିରେ ନାନା ବେଶ
କେବେ ଭିକ୍ଷୁବେଶୀ କେବେ ନଗ୍ନ, ମଗ୍ନ
ସେ ଯୋଗୀ କେତେ ବିଶେଷ ।
ବହୁରୂପୀ ପରୁ ନାନାରୂପ ଧରୁ
ବେଶେ ସଦା ବିମଣ୍ଡିତ
କେହୁ କେହୁ ପୁଣି ସ୍ୱଜ ଉଦ୍ଭବରେ
ଭକ୍ଷାନ୍ତରେ କେହୁ ରତ ।
କେହୁ କାମୀ ହୋଇ କେତେ ବିଳସଇ
କେହୁ ବୈରାଗ୍ୟ ଆଶ୍ରିତ
କେ ଦିବ୍ୟ ବସନ କରେ ପରିଧାନ
କେ କନ୍ଥାବାସେ ଶୋଭିତ ।
କେହୁ ଦିଗମ୍ବର କେ ବଲ୍କ-ମେଖଳ
କେ ଚନ୍ଦନେ ବିଭୂଷିତ

Digitized by srujanika@gmail.com

କେ ପୁଣି ଉଦ୍ଧରେ ମଣ୍ଡି କଳେବରେ
ହେଉଥାଏ ଅନାବୃତ ।
କେ ସୁରଭି-ଯାନ- ତାମ୍ବୂଳାଦ୍ୟ ଭୋଗ-
ବହାଂଶ, ଉନ୍ମତ୍ତ ପ୍ରାୟେ
ପିଶାଚ ସଦୃଶ ହୁଏ କେ ଯୋଗୀଶ
କେହୁ ବନବାସୀ ହୁଏ ।

କେହୁ ମୌନ ପୁଣି ହୋଇ ରହେ ତୂଷ
କେହି ବା ଅତି ବକ୍ତା
କେ ଅତି ତାର୍କିକ କେହୁ ବା ସହୁ-ପାଠ
କେ ହୁଏ ଅଭିଷ- ଦାତା ।

ଏ ଭାବ-ବର୍ଜିତ କେହୁ ତପସ୍ୱତ
ହୁଏ ବା କେହୁ ଗୃହସ୍ଥ

କେହୁ ବାନପ୍ରସ୍ଥ କେହୁ ମୂର୍ଖବତ
କେ ପୁଣି ହୁଏ ପଣ୍ଡିତ ।
ଅନ୍ୟାଦ ଅବଧ- ଭ୍ରଟେ ଯୋଗିବୃନ୍ଦ
ବିଚରନ୍ତି ଭୂମଣ୍ଡଳ
ସ୍ୱରୂପେ ଅବ୍ୟକ୍ତ, ଲୋକରେ ବ୍ୟକ୍ତ
ରୂପ-ଦେହ-ଉପାଧିରେ ।

ଭ୍ରମ ବିବର୍ଜିତ ହୋଇ ସେ ଭ୍ରମନ୍ତି
ନ ଥାଏ ତାଙ୍କର ଭୟ
ନାନା-ଭାବା-ବେଶେ ବୁଲନ୍ତି ପୁରୁଷେ
ଯେ ବା ଜଗତ-ସଂଶୟ ।

ବାହ୍ୟରେ ତାହାଙ୍କୁ ଦେଖି, ନ ଜାଣନ୍ତି,
ନ ଥାଏ ତାଙ୍କର ତତ୍ତ୍ୱ

Digitized by srujanika@gmail.com

ଦେହାତ୍ମ-ବୁଦ୍ଧିର ହେତୁ ଯିବା ଲୋକ
ଦେଖନ୍ତି ବାହ୍ୟ ଲକ୍ଷଣ ।
ଅନ୍ତର୍ଭାବ ତାହିଁ ଜଣାଯାଏ ନାହିଁ
କନ୍ତୁ ବହିର୍ଲକ୍ଷଣରେ
ଯେ ଜାଣେ, ସେ ଜାଣେ, ଅନ୍ୟ କେହୁ ଜନେ
ନ ଜାଣନ୍ତି ତରକରେ ।
ତାଙ୍କ ଲୋକଙ୍କ ସ୍ୱତ ଅଲୌକିକ
ଶାନ୍ତ-ରୂପ-ଅରଣ୍ୟରେ
ନରଙ୍କେ ଭ୍ରମନ୍ତି ତାହାଙ୍କ ଖ୍ୟାତି
ନାହିଁ କେବେ ଏ ଭବରେ ।
ଏହୁ ତତ୍ତ୍ୱ, ଅତି- ଦୁଷ୍ପ୍ରାପ ଜାଣନ୍ତୁ,
ବହୁବର୍ଷ ସାଧନରେ
ପୁଣି ଶତ ଶତ ଜନ୍ମାନ୍ତରେ ସତ୍ୟ
ଶୁଭକର୍ମ ସଂଯୋଗରେ —
ଯେବା ପୁଣ୍ୟବନ୍ତ କରନ୍ତେ ସଂସ୍କ
ହୁଏ ଯଦି ଭାଗ୍ୟୋଦୟ
ଗୁରୁ କୃପାହେଲେ ତତ୍ତ୍ୱଲାଭ କରିବ
ଜାଣ ଅଟେ ଧନଞ୍ଜୟ ।
ଯଦ୍ୟପି ସର୍ବସ୍ୱ କରେ ପରିତ୍ୟାଗ
ହୁଏ ଭକ୍ତିପରାୟଣ
ସାଧନ, ଭଜନ, କରେ ପୁନଃ ପୁନ
ମୋ ତହିଁ ଏକାନ୍ତ ମନ ।
ନିଷ୍କାମ କରମ କରଇ ଅନୁଷ୍ଠାନ
ମୋ ପ୍ରୀତିଲାଭ-ମାନସେ
ମୋଠାରେ ଅର୍ପଣ କରି ସର୍ବପ୍ରାଣ
ଚିତ୍ତ-ଶୁଦ୍ଧି ଲଭଇ ସେ

Digitized by srujanika@gmail.com

ହେଲେ ଚିତ୍ତଶୁଦ୍ଧି ହୁଏ ଯେ ବିବେକ,
ତହିଁ ଅନ୍ୟାନ୍ୟ ସାଧନା-
ଜନ୍ମ ଅଚରଣ, ତାହା ପ୍ରଫଳ
ଜନ୍ମିବ ଆତ୍ମ-ବାସନା ।

ଆତ୍ମ-ଜ୍ଞାନ ଲଭି ହୋଇ ଉତବେଶୀ
ଦମ୍ଭାଦି ଦୋଷ ବରଜି
ସଦ୍‌ଗୁରୁ ଅନ୍ୱେଷ କରିବ ନିଶ୍ଚୟ,
ଗୁରୁ ଜ୍ଞାନଦାତା ହେଜ ।

ଗୁରୁ-ସେବା ରତ ହୋଇବ ନିୟତ
ଗୁରୁଙ୍କୁ ଈଶ୍ବର ମଣି
ତୋଷିବ ସେବାରେ ଅମୃତ-ବଚନରେ
ଗୁରୁ ଯେ ତତ୍ତ୍ୱର ଖଣି ।

ଏକମାତ୍ର ଗୁରୁ— କୃପା-ସମୁଦ୍ରରୁ
ତତ୍ତ୍ୱସୁଧା ଲଭି ନର
ହୁଏ ତତ୍ତ୍ୱଜ୍ଞାତ ପୁଣି ସେ ପରମ—
ନିତ୍ତ୍ୱଲାଭେ ଅଧିକାରୀ ।

ତେଣୁ ସେ କୃତାର୍ଥ ଭବବନ୍ଧ ମୁକ୍ତ--
ହୁଅଇ, ବିମୁକ୍ତ ସଙ୍ଗ;
ସେପରି ପୁରୁଷ ପରମାତ୍ମରୂପ
ଶୁଣ ହେ ତାର ପ୍ରସଙ୍ଗ ।

ସଂସାର ସାଗରେ ପୁଣି ନ ପଶରେ
ଜନ୍ମ ମୃତ୍ୟୁ ନାହିଁ ତାର
ନିବୃତ୍ତି ମାର୍ଗରେ ଯତି ସେବନ୍ତି ନିତ୍ୟେ
''ତତ୍ତ୍ୱମସି''ରେ ଉଦ୍ଧାର ।

Digitized by srujanika@gmail.com

କେହୁ ଜ୍ଞାନୀ ପୁଣି,   ଦୁଃଖରେ ବିରକ୍ତ
ବିଷୟଭୋଗେ ବିରତ
କେହୁ ଭୋଗତ୍ୟାଗୀ   କେହୁ ବା ନିୟତ
ଭୋଗୀ ଭୋଗେ ଅନୁରକ୍ତ ।
ତତ୍ତ୍ୱଜ୍ଞ ଜନର   ଏହୁ ଭାବାନ୍ତର—
ହେତୁ ପ୍ରାରବ୍ଧ ଜାଣିବ
ପ୍ରାରବ୍ଧ କର୍ମରୁ   ବିବିଧ ବାସନା
ଅବିରତ ଜନମିବ ।
ପ୍ରାରବ୍ଧେ ଯାହାର   ଭୋଗଷ୍ଟ ସେ ପୁଣି
ବିଭବେ ଯତନ କରେ
ଭୋଗହୀନ ଜନ   ବିରକ୍ତ ହୋଇଣ
ବିଷୟକୁ ପରିହରେ ।
ପ୍ରାରବ୍ଧ କର୍ମରୁ   ବାସନା, ଯେ ଇଚ୍ଛା,
ପ୍ରବୃତ୍ତି କ୍ରମେ ଜନ୍ମଇ
ବୃତ୍ତି ନିବୃତ୍ତି   ସବୁଠାରେ ଦିନା
ପ୍ରାରବ୍ଧ ପ୍ରଭୁ ଦୁଃଖଇ ।
ଦେହେ ଭୋଗ, ଜ୍ଞାନ,   ଉଭୟ କେବଳ
ପ୍ରାରବ୍ଧ କର୍ମର ଫଳ
ଭୋଗଦ ପ୍ରାରବ୍ଧ   ଦେଇ ଭୋଗଫଳ
ବିନଷ୍ଟ ହୁଏ ସତ୍ୱର ।
ମାତ୍ର ଜ୍ଞାନଦାତା   ପ୍ରାରବ୍ଧଟି ଏକା
ହେଲେ ଜ୍ଞାନ ଉତପନ୍ନ
ଭୋଗଦାତା ହୋଇ   ଶରୀରରେ ଥାଇଁ
ଦିଏ ଭୋଗ ଅବିଚ୍ଛିନ୍ନ ।
ଯଥା ଉଦାହର—   ମୁକ୍ତ ଶରକୋଟି
ଲକ୍ଷ୍ୟ ଭେଦେ ନିବର୍ତ୍ତଇ

Digitized by srujanika@gmail.com

ଯେସନ ପ୍ରାରବ୍ଧ କର୍ମ 'ବେଗ' 'ଜ୍ଞାନ'
ଦ୍ୱନ୍ଦ୍ୱ ସଙ୍ଘାତ ପେଲଇ ।
ଘଟର ସାଧନ ଚକ୍ରର ଘୂର୍ଣ୍ଣନ,
ଘଟ ନିର୍ମାଣର ପରେ—
ହୁଏ କିଛି କ୍ଷଣ ପୁଣି ବେଗବାନ
ତେସନ ଜ୍ଞାନୋଦୟରେ
ଭୋଗ ଶେଷ ଯାଏ ଶରୀରେ ସମ୍ଭାଏ
ଛେଦଦ ସ୍ୱରୂପ ବେଗ ।
ଜ୍ଞାନଦ ପ୍ରାରବ୍ଧ କର୍ମର ନିବୃତ୍ତି
ନ ହୁଏ ତେସନ ବେଗ । ୩୫-୩୭
ଶୁଣ ଅହେ ପାର୍ଥ ! ତତ୍ତ୍ୱଜ୍ଞ ପୁରୁଷ—
ମାନଙ୍କ ପ୍ରାରବ୍ଧ ଯାହା
ତତ୍ତ୍ୱଜ୍ଞାନ ପରେ କେବଳ ମିଥ୍ୟାରେ
ଅବସ୍ଥିତ କରେ ତାହା ।
ଯେଣୁ ଶରୀରତ ମିଥ୍ୟାରୂପେ ଭୂତ
ନିରସ୍ତ ହୁଅନ୍ତେ, ତାର—
ପ୍ରାରବ୍ଧହିଁ ମିଥ୍ୟା— ରୂପେ ନିରସ୍ତିତ
ନିରସ୍ତ ହୁଏ, ସୁଧୀର !
ସେ ଯେଉଁ ପ୍ରାରବ୍ଧ କହୁଁ ଜ୍ଞାନକୁ
ଅଟଶସ୍ତୁ ନ କରଇ
ଜଗତ ସତ୍ୟ ବୋଧେ ଅଜ୍ଞ ଯଥା ସୁଖ—
ଦୁଃଖେ ବିମୁଗ୍ଧ ହୁଅଇ ।
ତତ୍ତ୍ୱଜ୍ଞ ଯେ ଜନ 'ଜଗନ୍ମିଥ୍ୟା' ଜ୍ଞାନ
କରି, ସେଦର ଧସ୍ୱର
ପ୍ରାରବ୍ଧ କର୍ମର— ଭୋଗ ମିଥ୍ୟା ଭାବି
ମୁକ୍ତ ହୋଇବେ ସେ ନର ।

Digitized by srujanika@gmail.com

ପ୍ରାରବ୍ଧ ଶେଷରେ ଅନ୍ତ ଯେଉଁ ଶକ୍ତି
ତତ୍ତ୍ୱଜ୍ଞାନ ପରେ ସେ, ତ
କ୍ଲେଶଦାନ ପାଇଁ ପ୍ରାଣିଠାରେ ଥାଇ
ଅଭ୍ୟାସ ଦେହେ ଏମନ୍ତ ।
ଏ ହେତୁ ପ୍ରାରବ୍ଧ— କଳ୍ପିତ- ଅଭ୍ୟାସ,
ଦେହେ,ଭୋଗ ହୋଇଥାଏ,
ତତ୍ତ୍ୱଜ୍ଞ ମୁକତ ପୁରୁଷ ତହିଁ ତ
ଆସକ୍ତ ହୋଇ ନ ଥାଏ ।
ଜ୍ଞାନ ଜନମିଲେ ଜ୍ଞାନୀ ଥାଏ ଭଲେ
ଅସଙ୍ଗ ନିତ୍ୟ ମୁକତ
ପ୍ରାରବ୍ଧ ବଶନ୍ତୁ- ଭୋଗେ, ଅସଂସ୍କାର,
ତେଣୁ ସେ ଭୋଗ-ବର୍ଜିତ ।

ଇତ୍ୟଧ୍ୟାତ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀ ବାସୁଦେବାର୍ଜ୍ଜୁନ-
ସମ୍ବାଦେ ଶାନ୍ତିଗୀତାୟାଂ ପଞ୍ଚମୋଽଧ୍ୟାୟଃ ।

ଷଷ୍ଠ ଅଧ୍ୟାୟ ।

ଶ୍ରୀ ଭଗବାନୁବାଚ ।

ହେ ସଖେ ଅର୍ଜ୍ଜୁନ ! ଯାବତେକ ଶୁଣ
ତୁମ୍ଭକୁ ଯାହା କହବୁଁ
ଅତି ଗୁହ୍ୟ ତାହା ମହତ୍ ପୁଣ୍ୟ, ଯାହା—
ଶୁଣନ୍ତେ ମୁକ୍ତ ହୋଇବୁ ।
ସଂସାର ବନ୍ଧନ ଛିନ୍ନ ହୁଏ ଜାଣ,
ଯାହା ଶୁଣନ୍ତେ ମାନବ

Digitized by srujanika@gmail.com

ଏତ ଗୂଢ଼ ପୁଣି   ସେ ମୋକ୍ଷ-ସରଣୀ
କରେ ଶାନ୍ତ ଅନୁଭବ ।

ଏକ ଅଦ୍ୱିତୀୟ   ପରିପୂର୍ଣ୍ଣ ସତ୍ୟ
ଚୈତନ୍ୟ ମାତ୍ରକେ ଥାଏ
ତାହା ଭିନ୍ନ ଆଉ   କିଛିମାତ୍ର ନାହିଁ
ବେଦ, ଏ କଥାକୁ ଗାଏ ।
['ପୁରୁଷାନ୍ନପରଂ   କିଞ୍ଚିଦପି ନାସ୍ତି'
'ନେହ ନାନାସ୍ତି କିଞ୍ଚନ']
'ପୁରୁଷରୁ ଭିନ୍ନ   ନାହିଁ କିଛି ଅନ୍ୟ
ବସ୍ତୁ ଏ ସଂସାରେ ଜାଣ'
ସେ ମାୟା, ଈଶ୍ୱର,   ଜୀବ, ଦେଶ, କାଳ,
ଚରାଚର ଅନେକ ।
ତୁମ୍ଭେ ନୁହ କିଛି   ମୁହିଁ ନୁହେଁ କିଛି
ଅବର ପୃଥ୍ୱୀ ନୁହେ

ସ୍ୱବାଦ ସପତ   ଲୋକ କିଛି ନୁହେ
ଏ ସବୁ-ସତ୍ତ୍ୱ ନ ରହେ ।
ଏହାହିଁ ନିଶ୍ଚୟ   ଜାଣ ମହାଶୟ !
ଏକା ବ୍ରହ୍ମର ସଂସ୍ଥିତେ,

ତାହା ଭିନ୍ନ ଅନ୍ୟ   କିଛି ନାହିଁ — ଏହା
ଭାବୁଥାଅ ଛତି ଛତି ।
ସେ ଯେଉଁ ପଦ୍ରୂପ,   ଚିତ୍ତ ଚଇତନ୍ୟ
ତହିଁ ଦେଖୁଅଛ ଯାହା
ପରିବର୍ତ୍ତିଶୀଳ   ଏ ଜଡ଼ ସଂସାର
ସ୍ୱପ୍ନ ତୁଲ୍ୟ ଅଟେ ତାହା ।

Digitized by srujanika@gmail.com

ଦେଶ କାଳ ଆଦ   ବସ୍ତୁ ଯାହା ତ
ଭୋକ୍ତା କର୍ତ୍ତା ନିସ୍ପୃହ
ସ୍ୱପ୍ନ ତୁଲ୍ୟ ହାଣ୍ୟ   ସର୍ବ ମିଥ୍ୟା ଜାଣ
ନୁହେତ କଛହିଁ ଅସ୍ତୁ ।
ଯାହା ତ ଉର୍ମିଳ   ନିତ୍ୟ-ପ୍ରକାଶକ
ତାହାହିଁ ବ୍ରହ୍ମର ସତ୍ତ୍ୱ
ଧାରବାହିକ ଏ   ସଂସାର ଅସତ
ନାହିଁ ତାର ପୃଥକ୍ ସତ୍ତ୍ୱ ।
ବ୍ରହ୍ମସତ୍ତ୍ୱଭିନ୍ନ   ସଂସାରର ସ୍ଥିତି
ନାହିଁ କେଉ ଧନଞ୍ଜୟ ।
ଯେସନ ଜଳର—   ସତ୍ତ୍ୱରେ, ତରଙ୍ଗ-
ଫେନ ବୁଦ୍‌ବୁଦାଦ ଅସ୍ତୁ ।
ନାମ-ରୂପାତ୍ମକ   ଅଟେ ସେ ତରଙ୍ଗ
ତହିଁ ନାହିଁ ସତ୍ତ୍ୱ ଭିନ୍ନ
ବ୍ରହ୍ମର ସତ୍ତ୍ୱରେ   ଅବସ୍ଥିତି କରେ
ନାମ ଜଗତ ତେସନ ।
ବ୍ରହ୍ମସତ୍ତ୍ୱେ ବସ୍ତୁ   ନୁହେ ତ ପୃଥକ
ନାମନ୍ତ ମିଥ୍ୟା କଳ୍ପିତ
ତେଣୁ ଏ ଜଗତ   ନୁହେ ତ ସ୍ୱତନ୍ତ୍ର—
ସତ୍ତ୍ୱଗୁଣେ ବିଭୂଷିତ ।
ଯେ ମାୟା କଳ୍ପିତ   ନାମ-ରୂପାତ୍ମକ
ସମସ୍ତ ଦୃଶ୍ୟ ପଦାର୍ଥ
ସ୍ୱପନ କଳ୍ପିତ   ଦୃଶ୍ୟ ଦ୍ରବ୍ୟବତ
ମିଥ୍ୟା ବୋଲି ଜାଣ ପାର୍ଥ ।
ଏକମାତ୍ର ସତ୍ୟ   ବ୍ରହ୍ମ ଚୈତନ୍ୟ ତ
ମାୟା-ଶକ୍ତି ପ୍ରଭାବରେ

Digitized by srujanika@gmail.com

ଅନନ୍ତ ରୂପରେ ପ୍ରକାଶ ପାଉଛି
ବ୍ରହ୍ମାଣ୍ଡ ସ୍ତମ୍ଭ ଆକାରେ ।
ବାସ୍ତବକ ଏହୁ ନାମ ରୂପ ବନ୍ଧ
ସଂସାର ମିଥ୍ୟା ଅଟଇ,
ଏକମାତ୍ର ସେହୁ ସଚ୍ଚିଦାନନ୍ଦ ଯେ
ବ୍ରହ୍ମହିଁ ସତ୍ୟ ବୋଲାଇ ।
ସ୍ପଷ୍ଟ ଦୃଷ୍ଟିରେ ଅନ୍ତର କହିଲେ
ଦେଖାଯାଏ ମାତ୍ର ଏହା
ନାମଟି କେବଳ ରଚନା-କଳ୍ପିତ
ଜଡ଼ ବୋଲାଉଛି ତାହା ।
ସେ ଜଡ଼ ଅଟଇ ରୂପରେ କଳ୍ପିତ
ମନୋବିକାର କେବଳ
ଯେପରି ସୁବର୍ଣ୍ଣ କୁଣ୍ଡଳ ବଳୟ
କଣ୍ଠ ଆଦରେ ଛଳ ।
କିନ୍ତୁ ତାହା ସବୁ ସୁବର୍ଣ୍ଣ-ବିକାର
ସୁବର୍ଣ୍ଣଭିନ୍ନ ବସ୍ତୁ ନୁହେଁ,
ବଳୟ କଣ୍ଠ ଟଙ୍କ ଟଙ୍କ ହେଲେ
ସୁବର୍ଣ୍ଣ ନାମରେ ରହେ ।
ଏଣୁଟି ସୁବର୍ଣ୍ଣ ଏକମାତ୍ର ସତ୍ୟ
ବଳୟ କଣ୍ଠ ଯାହା
ନାମରୂପାତ୍ମକ କଳ୍ପିତ ଶବଦ
ମିଥ୍ୟା ବୋଲି ଜାଣ ତାହା ।
ତେସନ କଳ୍ପିତ ନାମ-ରୂପାତ୍ମକ
ଜଗତ ମିଥ୍ୟା ଅଟଇ,
ଏକମାତ୍ର ସର୍ବ- ଅଧିଷ୍ଠାନ ବ୍ରହ୍ମ
ସତ୍ୟ ସତ୍ୟ ଜାଣଇ । ୭ ।

Digitized by srujanika@gmail.com

ନାମରୂପାତ୍ମକ ଦୃଶ୍ୟ ଏ ଜଗିଳ-
ତଣ୍ଡ, ସଂସାର ଅସତ୍ୟ
ମାୟା ବଳାସର ସାମଗ୍ରୀ, ଅଗ୍ରାର
ଅଜ୍ଞାନ କାରଣ ତଥ୍ୟ ।

ଯେସନ ରଜ୍ଜୁରେ ମିଥ୍ୟା ସର୍ପ ଭ୍ରମ-
ହୁଏ, ଦୁଃଖର କାରଣ
ତେସନ ଅତ୍ମାର ଅଜ୍ଞାନତା ହେତୁ
ଏ ଜଗତ ଦୁଃଖ ପୂର୍ଣ୍ଣ ।

ନାମ ରୂପାତ୍ମକ ସମସ୍ତ ଜଗତ
ମିଥ୍ୟା ହେଲେହେଁ ମୋହରେ —
ଅଚ୍ଛନ୍ନ ଥିବାରୁ ସତ୍ୟ ପରକାଶେ
ବଦ୍ଧସେ ଜୀବ ଗଣରେ ।

ତେଣୁ ଏ ଜୀବର ଭୟ ଦୁଃଖାଦର
କାରଣ ଅଟେ ଜଗତ
ସେ କଳ୍ପିତ ସର୍ପ ହୁଅନ୍ତେ ବାଧିତ
ବସ୍ତୁରେ ରଜ୍ଜୁ ଲକ୍ଷିତ ।

ରଜ୍ଜୁ ବୋଲି ଜ୍ଞାନ ହୁଅନ୍ତେ ଯେସନ
ସର୍ପଭୟ ଛାଡ଼ଯାଏ
ବସ୍ତୁରେ ଅଜ୍ଞାନ- କାରଣ ଜଗତ
ତଥା ତା' ସ୍ଥିତି ନ ଥାଏ ।

କେବଳ ସଦ୍‌ବ୍ରହ୍ମ ଚୈତନ୍ୟ ପ୍ରମାଣ
ଏହି ଜ୍ଞାନ ଯେତେବେଳେ ।
ଜଗତର ମିଥ୍ୟା ନାମତ୍ୱ ପ୍ରକାଶ
ହୋଇଥାଏ ତେତେବେଳେ ।

ଏ ହେତୁ ଅଚଳ୍ୟ ରଚନା ସ୍ୱରୂପ
ଏ ତଣ୍ଡ ସଂସାର ଯାହା

Digitized by srujanika@gmail.com

ସ୍ୱପ୍ନ-ଜଗତ୍ ସ୍ୱପ୍ନ ତୁଲ୍ୟ ମିଥ୍ୟା
ଅସତ୍ୟ ଜାଣିବ ତାହା ।
ରଜ୍ଜୁରେ ଭୁଜଙ୍ଗ ସଦୃଶ ପ୍ରସଙ୍ଗ
ଏଥି ଆସ୍ଥା ତ୍ୟାଗ କର
କେବଳ ସଚ୍ଚିଦା— ନନ୍ଦ ବ୍ରହ୍ମ ଯିନା
ସତ୍ୟବୋଲି ମନେ ଧର ।

ଅର୍ଜୁନ ଉବାଚ ।

ବୋଲନ୍ତି ଅର୍ଜୁନ ହେ କୃଷ୍ଣ ! ପରମ-
ବ୍ରହ୍ମ, ଯେବେଟି ନିର୍ଗୁଣ,
ନିର୍ବିକାର ପୁଣି ନିଷ୍କ୍ରିୟ ଅଟନ୍ତି,
କିପରି ହେଲେ ସଗୁଣ ।
ଜଗତର ସୃଷ୍ଟି ତା' ତହୁଁ କିପରି
ହୁଏ ତାହା ମୋତେ ବୋଲ
ଆଶ୍ଚର୍ଯ୍ୟ ଲାଗଇ ଅହେ ରମାସାଇଁ
ମୋ ମନଃ-ଶୃଙ୍ଖଳ ଖୋଲ ।

ଶ୍ରୀ ଭଗବାନୁବାଚ ।

ଶୁଣ ହେ ଅର୍ଜୁନ ଯେଉଁ ପ୍ରଶ୍ନ ପୁଣ
କରିଅଛତ ଆମ୍ଭକୁ
କହିବା ବିସ୍ତାରି ଲକ୍ଷ ହେଉକର
ଜିଜ୍ଞାସୁ ବୋଲି ତୁମ୍ଭକୁ ।
ନାହିଁ ସୃଷ୍ଟି ନାହିଁ ଜଗତ ଏ ଜୀବ
ନାହିଁଟି ତଥା ଈଶ୍ୱର
ମାୟା-ପରବଶ ଏ ସବୁ କଳ୍ପିତ
ବ୍ରହ୍ମ ସତ୍ତାରେ କେବଳ ।

Digitized by srujanika@gmail.com

ଯେପରି ସ୍ତିମିତ ଗମ୍ଭୀର ସଲିଳ
ସମୀରଣ ଯୋଗେ ହଲି
ତରଙ୍ଗାଦି ଫେଣ ବୁଦ୍‌ବୁଦ ନାମରେ
ଛଟି ବୋଲାଏ ସେ ବାରି ।
ତଥା ସର୍ବାଧାର ପୂର୍ଣ୍ଣବ୍ରହ୍ମ ତହିଁ
ମାୟା ପ୍ରଭାବେ ଜଗତ
ନାମରୂପେ ମାତ୍ର ହୋଇନ୍ତେ ପରିଦୃଷ୍ଟ
ବ୍ରହ୍ମରେ ପରିଗଣିତ ।
ଯେ ହେତୁ ମାୟାର ଶକ୍ତି ପ୍ରଭାବରେ
ପୂର୍ଣ୍ଣବ୍ରହ୍ମ ଯେ ଚୈତନ୍ୟ
ଜଗତ ଧାମରେ ଧାମିତ କେବଳ
ବ୍ରହ୍ମଭିନ୍ନ ନୁହେ ଆନ ।
ନୁହେ ସେ ତରଙ୍ଗ ଜଳରୁ ବିଭିନ୍ନ
ତଥା ଜଳରୁ ଜଗତ
ତରଙ୍ଗ ବ୍ୟକ୍ତ ରହେ ଯଥା ଜଳ
ତଥା ଜଗତ୍ରୁଁ ବହ୍ନିତ ।
ଯେ ତରଙ୍ଗ ସେହି ଜଳତ ଅଟଇ
ଯେ ଜଗତ ସେହି ବ୍ରହ୍ମ
ତରଙ୍ଗ ଜଳର ନାମ ରୂପାନ୍ତର
ବ୍ରହ୍ମର ଜଗତ ନାମ ।
ସେ ଚୈତନ୍ୟ ବ୍ରହ୍ମ ବିଶ୍ୱରୂପେ ହିନା
ମାୟାଯୋଗେ ପ୍ରକାଶିତ
ବିଶ୍ୱନାମ ରୂପ ହୁଅନ୍ତେ ବିଲୁପ୍ତ
ଚୈତନ୍ୟ କେବଳ ସ୍ଥିତ ।
ନିଦ୍ରାକାଳେ ଯଥା ଦୃଷ୍ଟ ପଦାର୍ଥ
ସତ୍ୟ ବୋଲି ଅନୁଭବ

Digitized by srujanika@gmail.com

ସେ ସତ୍ୟ କେବଳ ନିଦ୍ରା ପର୍ଯ୍ୟନ୍ତ
ନିଦ୍ରାଭଙ୍ଗେ ଅସମ୍ଭବ ।
ସ୍ୱପନେ ଯେ ଶୋକ ସୁଖ ଦୁଃଖ ଆଦ
ହୋଇଥାଏ ଅନୁଭୂତ
ଜାଗ୍ରତେ ସେ ସବ ଅପଦାର୍ଥ ବୋଲି
ନ ହୁଅଇ ବମୋହିତ ।
ସ୍ୱପ୍ନ-ଦୃଷ୍ଟ ପର ଜଗତ ଅଟଇ
ଅଜ୍ଞାନତା ଦୂର ହେଲେ
ମିଥ୍ୟା ପର ସବ ମନେ କର, ଗର୍ବ
ଅଭିମାନ ପରିହରେ ।
ଶୁଭାଶୁଭ ଜନ୍ୟ— ହର୍ଷ ଶୋକ ଦୁଃଖେ
ନ ହୁଏ ସେ ବମୋହିତ
ପରୁଷର ସ୍ୱପ୍ନ— ପର ମିଥ୍ୟା ଜାଣ
ଈଶ୍ୱର ତଥା ଜଗତ ।
ଯାହାର କାରଣ ମିଥ୍ୟା ଅଟେ ଜାଣ,
ସେ କାର୍ଯ୍ୟ ନୁହଇ ସତ୍ୟ
ଶୁକ୍ତିକା କଳ୍ପିତ ରୌପ୍ୟରେ କି କେବେ
କଳସ ହୁଏ ନିର୍ମିତ ।
ତେସନ ଯେ ମିଥ୍ୟା ମାୟା ଉପାଦାନ
ତତ୍ତ୍ୱ ଅବା କେତେବେଳେ
ଏ ଜୀବ, ଈଶ୍ୱର ପୁଣି ଜଗତର
ଉତ୍ପତ୍ତି ହୋଇ କି ପାରେ ?
ଯଥା ଶୁକ୍ତିକାରେ କଳ୍ପିତ ରଜତ
ତା କାର୍ଯ୍ୟ କଳସ ମିଥ୍ୟା
ତଥା ଅଧିଷ୍ଠାନ ପରଂବ୍ରହ୍ମ ଭିନ୍ନ
କଳ୍ପିତ ମାୟାଟି ମିଥ୍ୟା ।

Digitized by srujanika@gmail.com

ସେ ମିଥ୍ୟା ମାୟାର   କାର୍ଯ୍ୟହିଁ ବସ୍ତୁର
ଜୀବ, ଈଶ୍ୱର, ଜଗତ,
ଏ ଅଦ ସମସ୍ତ   ମିଥ୍ୟା ବୋଲି ଜ୍ଞାତ
ହୁଅ ଏବେ କୁନ୍ତୀସୁତ !

ମିଥ୍ୟା ମାୟାର ତ   ନାହିଁଟି କର୍ତ୍ତୃତ୍ୱ
ସେ କିଛି କରି ନ ପାରେ
ମିଥ୍ୟା ମାୟା ନାମ—   ଧାଏ, ଯେ ମାୟାବୀ
ଅଣୁମାତ୍ର ସେ ନ କରେ ।

ବଦ୍ଧଦୃଷ୍ଟି ଜନ   ଇନ୍ଦ୍ରଜାଲ ସମ
ଧଇଜ ସତ୍ୟ ଦେଖଇ
ଅଜ୍ଞାନ ଜନର   ବୋଧ ପାଇଁ ବେଦେ
ନାନା ଉପାୟ କହେ ।

ଅଧ୍ୟାରୋପ ସୃଷ୍ଟି—   ପ୍ରକରଣେ ଆଉ
ତାର ଅପବାଦ ଉକ୍ତ,
ଅଧ୍ୟାରୋପ ସୃଷ୍ଟି—   ପ୍ରକରଣେ ହିନା
ବ୍ରହ୍ମ ହେଲା ପ୍ରପଞ୍ଚିତ ।

ଅପବାଦେ ପୁଣି   ବ୍ରହ୍ମର ହୋଇଛି
ନିଷ୍ପ୍ରପଞ୍ଚ ପ୍ରମାଣିତ
ଅଖିଳ ବ୍ରହ୍ମାଣ୍ଡ—   ଆଧାର ଯେ ବ୍ରହ୍ମ
ସତ୍ୟେ ହୁଏ ପ୍ରତିଷ୍ଠିତ ।

ଏ ମାୟା କଳ୍ପିତ—   ସୃଷ୍ଟିର ମିଥ୍ୟାତ୍ୱ
ବେଦ କରେ ପ୍ରମାଣିତ ।
ତେଣୁ ସେ ବେଦର   ପ୍ରୟୋଜନ ଏହି,
ତଥାପି ଅଜ୍ଞ ଜନର

Digitized by srujanika@gmail.com

ଜ୍ଞାନ ଲାଗି ଶ୍ରୁତି   କରୁ ବହୁଦୃଷ୍ଟି
କଳ୍ପ ସୃଷ୍ଟି ଜଗତର ।
ଯେପରି ଶିଶୁଙ୍କ   ପୀତପାଇଁ ଧାତ୍ରୀ
କଳ୍ପନା କରଇ ଜଳ୍ପଇ
ଅଜ୍ଞ ଜନଙ୍କର   ସତ୍ୟ ବୋଧ ଲାଗି
ଏ ସୃଷ୍ଟିଗଳ୍ପ ରଚଇ ।
ବାଳକ ନିକଟେ   କଳ୍ପିତ ଗଳ୍ପର
ପରି, ଅଜ୍ଞାନଙ୍କ ପ୍ରତି
ଅଧ୍ୟାରୋପ ଶ୍ରୁତି   ସୃଷ୍ଟିଗଳ୍ପ ତଥା
କହିବା ଶୁଣ ସୁମତି !
ବିମଳ ଚୈତନ୍ୟ   ପୂର୍ଣ୍ଣ ଥିଲେ ତାର
କେଉଁ ଅଂଶେ ଅଣୁମାତ୍ର
ଅଜ୍ଞାନ ଉଦିତ   ହୁଏ ଯେମନ୍ତ ସେହୁ
ଚୈତନ୍ୟ ସ୍ଫୂର୍ତ୍ତି ଆଶ୍ରିତ ।
ସେହି ଯେ ଅଜ୍ଞାନ   ନିଜ ଗୁଣେ ଶକ୍ତି--
ଭେଦେ ହୋଇ ପରତେ
ମାୟା ଓ ଅବିଦ୍ୟା   ନାମରେ ସେ ଦ୍ୱିଧା
ଜଗତରେ ହେଲା ବିଭକ୍ତ ।
ଶୁଦ୍ଧ ସତ୍ତ୍ୱଗୁଣ –   ପ୍ରଧାନ ଅଜ୍ଞାନ
ମାୟା ବୋଲି ପ୍ରକାଶିତ
ମଳ ସତ୍ତ୍ୱଗୁଣ –   ପ୍ରଧାନ ଅଜ୍ଞାନ
ଅବିଦ୍ୟା ନାମେ କଥିତ ।
ଶୁଦ୍ଧ ସତ୍ତ୍ୱ ଗୁଣ—   ପ୍ରଧାନ କାରଣୁ
ମାୟାରେ ଚୈତନ୍ୟାଭାସ
ସେହି ତଦାଭାସେ   ଚୈତନ୍ୟର ପୂର୍ଣ୍ଣ
ହୋଇ ଅଛଇ ଅଧ୍ୟାସ ।

Digitized by srujanika@gmail.com

ତେଣୁ ତଦାତ୍ମ୍ୟ— ଯୁକ୍ତ ମାୟାଧାର
ଚୈତନ୍ୟଙ୍କୁ ଅଷ୍ଟାକର
ଈଶ୍ୱର ଶବଦେ ଉକ୍ତ ହୋଇଛନ୍ତି
ବ୍ରହ୍ମାଣ୍ଡେ ବୋଲାନ୍ତି ହରି ।
ସେ ମାୟା-ଈଶ୍ୱର ମାୟାବୃତ୍ତିରୂପ
ଧରି ମନନ-ଶକତି
ହେଲେ ସେ ସର୍ବଜ୍ଞ ସର୍ବଶକ୍ତିମାନ
ଇଚ୍ଛାଧ ସର୍ବ କର୍ତ୍ତୃ ।
ତତ୍ପରେ ସେ ଈଶ ହୋଇ ସ୍ୱେଚ୍ଛାବଶ
ସଂକଳ୍ପବାନ ହୁଅନ୍ତେ
'ଏକ ହୋଇ ମୁହିଁ ବହୁ ହେବ ପୁଣି'
ଏ ସଂକଳ୍ପ କରୁ ଛନ୍ତେ ।
ସଂକଳ୍ପ ଉଦୟେ ନିଖିଳ ବ୍ରହ୍ମାଣ୍ଡ—
ରୂପେ ହେଲେ ବିବର୍ତ୍ତିତ
ମାୟା ଶକ୍ତି ଠାରୁ ମହାକାଳ ନାମେ
କାଳ ହେଲା ସମୁଦ୍ଭୂତ ।
ସେ ମହାକାଳର ଶକ୍ତି ମହାକାଳୀ
ପ୍ରଥମରେ ଉତପତ୍ତି
ତେଣୁ ଆଦ୍ୟା ଶକ୍ତି ବୋଲିଣ ତାହାଙ୍କୁ
କହୁଛନ୍ତି ବୃହସ୍ପତି
କାଳରେ ସକଳ ଉତ୍ପତ୍ତି, ସଂସ୍ଥିତି
କାଳେ ପୁଣି ସର୍ବ ଲୟ
କାଳର ଅଧୀନ ସକଳ ଅଟଇ
ଜାଣ ଏବେ ଧନଞ୍ଜୟ !
ସେହୁ ମହାକାଳ ସର୍ବବ୍ୟାପୀ ଯେଣୁ
ନିରାକାର ନିରାମୟ

Digitized by srujanika@gmail.com

ଉପାଧି ଯୋଗରେ ପୁଣି ନାନାରୂପେ
ଉଦ୍ଭାସିତ ଜଗତସ୍ଥ ।
ନିମେଷାଦି ପଳ, ଦଣ୍ଡ ଯେ ମୁହୂର୍ତ୍ତ,
ଦିବା, ରାତ୍ରି, ପକ୍ଷ, ମାସ,
ବର୍ଷ, ଯୁଗ, କଳ୍ପ ଏ ଆଦି କଳ୍ପନା
ତହିଁ ହୋଇଛି ପ୍ରକାଶ । ୨୨ ।
କାଳରୁ ସମ୍ଭୂତ ହେଲା ମହତ୍ତତ୍ତ୍ୱ
ମହତ୍ତତ୍ତ୍ୱୁଁ ଅହଂକାର
ସେହି ଅହଂକାର ସତ୍ତ୍ୱ ରଜ ତମ-
ଗୁଣେ ହେଲା ତ୍ରିଧାକାର ।
ସତ୍ତ୍ୱ-ଅହଂକାର ଶାନ୍ତ ବୃତ୍ତି-ରୂପ,
ରଜୋ ଘୋରବୃତ୍ତି-ରୂପ,
ତମୋ ମୂଢ଼ବୃତ୍ତି— ରୂପ ଯେ ଅଟଇ
ଗୁଣଭେଦେ ତିନରୂପ ।
ଯେ ସଚ୍ଚିଦାନନ୍ଦ— ମୟ, ପରଂବ୍ରହ୍ମ
ସେହି ଏ ସର୍ବ ବୃତ୍ତିରେ
ସମଭାବେ କେବେ ପ୍ରକାଶ ନ ପାନ୍ତି
ଯେଣୁ ଗୁଣତ୍ରୟ ଧରେ ।
ସ୍ୱଇଚ୍ଛା ହେତୁରେ ଶାନ୍ତବୃତ୍ତି ଧରେ
ତେଣୁ ତା ସତ୍ତା ଚୈତନ୍ୟ
ଆନନ୍ଦ ସ୍ୱରୂପ ହୁଏ ପ୍ରକାଶିତ
ସ୍ୱଚ୍ଛୋଦେ ଚନ୍ଦ୍ର ଯେସନ ।
ମାୟିକ ବଶତଃ ଘୋର ଅଥ ମୂଢ଼—
ବୃତ୍ତିରେ ତାହାର ଅଂଶ—
ଚୈତନ୍ୟ ସ୍ୱରୂପ ମାତ୍ର ପ୍ରକାଶଇ
ନ ଥାଏ ଆନନ୍ଦ ଲେଶ ।

Digitized by srujanika@gmail.com

ପଡ଼ିଲ ଜଳରେ ଚନ୍ଦ୍ର ପ୍ରତିବିମ୍ବ
ଅସ୍ପଷ୍ଟ ଯଥା ଦିଶଇ
ରଜ ସ୍ତମୋ ଗୁଣେ ମାୟିକ ପ୍ରାଧାନ୍ୟେ
ତଥା ଅଦୃଶ୍ୟ ହୁଅଇ ।
ସେହି ଅହଂକାରୁ ଶବ୍ଦମାତ୍ରାତ୍ମକ
ଆକାଶର ଉତପତ୍ତି
ସ୍ପର୍ଶରୂପ ବାୟୁ, ରୂପରୂପ ତେଜଃ,
ରସାତ୍ ଜଳର ଗତି ।
ପୁଣି ଗନ୍ଧରୂପ ପୃଥ୍ୱୀର ଉଦ୍ଭବ
ଏଣୁ ଏ ସୂକ୍ଷ୍ମ ସ୍ୱରୂପ
ପଞ୍ଚ ମହାଭୂତ ହୋଇଣ ସମ୍ଭୂତ
କ୍ରମେ ସେ ସ୍ଥୂଳ ସ୍ୱରୂପ ।
ସତ୍ତ୍ୱ ରଜ ସ୍ତମଃ ତ୍ରିଗୁଣ ସ୍ୱରୂପ
ଏହି ସୂକ୍ଷ୍ମ ପଞ୍ଚଭୂତ
ତମୋ ଗୁଣ ବହି ପଞ୍ଚୀକୃତ * ହୋଇ
ହେଲା ସ୍ଥୂଳ ପଞ୍ଚଭୂତ ।
ଆକାଶ, ପବନ, ଅଗ୍ନି, ଜଳ, ପୃଥ୍ୱୀ
ଏ ଅଟ ପଞ୍ଚ ମୂରତି

---

*— ପଞ୍ଚୀକରଣ ପ୍ରଣାଳୀ; ଯଥା—ପୃଥ୍ୱୀ, ଜଳ, ତେଜଃ, ବାୟୁ ଓ ଆକାଶ, ଏହି ପଞ୍ଚମହାଭୂତର ପ୍ରତ୍ୟେକକୁ ଦୁଇଭାଗେ ବିଭକ୍ତ କରି ଏକଭାଗ ପୃଥକ୍ ରଖି ଅପରଭାଗକୁ ଚାରିଭାଗରେ ବିଭକ୍ତ କରିବ; ତତ୍ପରେ ନିଜ ଅର୍ଦ୍ଧାଂଶ ଏବଂ ଅପର ଚାରି ଭୂତଙ୍କ ପ୍ରତ୍ୟେକରୁ ଦୁଇ ଚଉଠା କରି ଅଠବଣ୍ଟା ଅଂଶ ମିଳିତ ହେଲେ ଏକ ଏକ ଭୂତ ଉତ୍ପନ୍ନ ହୁଏ, ଏହାକୁ ପଞ୍ଚୀକୃତ ଭୂତ ବୋଲାଯାଏ ।

Digitized by srujanika@gmail.com

ସୂକ୍ଷ୍ମରୂପେ ସଜ ସ୍ଥୂଳରୂପେ ସାଜ
କଲା ଏ ନଗ୍ନ? ସୃଷ୍ଟି ।
ସୂକ୍ଷ୍ମୁଁ ସୂକ୍ଷ୍ମ ସୃଷ୍ଟି ସ୍ଥୂଳୁଁ ସ୍ଥୂଳ ସୃଷ୍ଟି
କ୍ରମେ ହେଲା ଉତପନ୍ନ
ସୂକ୍ଷ୍ମ ପଞ୍ଚଭୂତ— ସତ୍ତ୍ୱାଂଶୁ ସମ୍ଭୂତ
ହେଲା ଜ୍ଞାନେନ୍ଦ୍ରିୟ ଜାଣ ।
ଯେସନ ଆକାଶ— ସତ୍ତ୍ୱାଂଶୁ ବକାଶ
ଲଭିଛି ଶ୍ରବଣେନ୍ଦ୍ରିୟ,
ପବନୁ ସ୍ପର୍ଶ, ତେଜରୁ ଦର୍ଶନ,
ଜଳରୁ ରସନେନ୍ଦ୍ରିୟ ।
ପୃଥ୍ୱୀରୁ ଘ୍ରାଣ, ଏହି ପଞ୍ଚ ଜ୍ଞାନ—
ଇନ୍ଦ୍ରିୟ ନାମେ କଥିତ,
ସର୍ବ ସୂକ୍ଷ୍ମ ତତ୍ତ୍ୱ— ଅଂଶୁ ଏକ ଅନ୍ତଃ —
କରଣ ହେଲା ଉଦ୍ଭବ ।
ବୃତ୍ତିଭେଦେ ପୁନଃ ସେ ଅନ୍ତଃକରଣ
ହୋଇଛି ଚାରିପ୍ରକାର
ସଂକଳ୍ପ, ନିଶ୍ଚୟ, ଅନୁସନ୍ଧ, ଅଭି—
ମାନ ହୋଇଲା, ବସ୍ତୁର ।
ସଂକଳ୍ପୁଁ ମନର, ନିଶ୍ଚୟୁଁ ବୁଦ୍ଧିର,
ଅନୁସନ୍ଧାନୁଁ ଚିତ୍ତର,
ଅଭିମାନୁଁ ଅହଂ — କାର-ବୃତ୍ତି, ଜାତ-
ହେଲା ଯେପରି ସତ୍ତ୍ୱର ।
କର୍ମେନ୍ଦ୍ରିୟଗଣ ଏକେ ଏକେ ପୁଣ
ଭୂତପଞ୍ଚକ ରଜରୁ—
ଜନ୍ମିଲେ ଯେପରି କହିବା ବିସ୍ତାର
ଭେଦ ରଖ ହେ ଅଗ୍ରରୁ ।

Digitized by srujanika@gmail.com

ଆକାଶର ରଜଃ—   ଅଂଶୁ ବାଗିନ୍ଦ୍ରିୟ,
ବାୟୁସାମ୍ୟ ରଜେ ହସ୍ତ,
ତୈଜସ ରଜରୁ   ପଦ, ସେ ଜଳୀୟ—
ରଜେ ହୋଇଲା ଉପସ୍ଥ ।

ପୃଥିବୀର ରଜଃ—   ଅଂଶରୁ ସମ୍ଭବ
ପାୟୁ ଇନ୍ଦ୍ରିୟ ଜାଣିବ
ଏ ପ୍ରକାରେ ପଞ୍ଚ—   କର୍ମେନ୍ଦ୍ରିୟ ସୃଷ୍ଟି
ହେଲା ମନେ ବିଚାରିବ ।

ଏ ସକଳ ପଞ୍ଚ—   ଭୂତର ରଜସ—
ଅଂଶୁ ହେଲା ଏକ ପ୍ରାଣ
ସେହୁ ପ୍ରାଣ ପୁଣି   ବୃତ୍ତିଭେଦେ ପଞ୍ଚ—
ରୂପ ହୋଇଛି ବଖାଣ ।

ହୃଦୟରେ ପ୍ରାଣ,   ଗୁହ୍ୟରେ ଅପାନ,
କଣ୍ଠରେ ଥାଏ ଉଦାନ,
ନାଭିରେ ସମାନ,   ସର୍ବାଙ୍ଗେ ଯେ ବ୍ୟାନ,
ଏପରି ସେ ପଞ୍ଚପ୍ରାଣ ।

ହୃଦସ୍ଥ ପ୍ରାଣର-   ଧର୍ମ, ମନେ କର
'ଉଚ୍ଛ୍ୱାସ—ନିଃଶ୍ୱାସ' ଦ୍ୱୟ
ଅପାନରୁ ମଳ—   ମୂତ୍ରାଦି ବର୍ଜନ,
ଉଦାନରୁ ଚତୁଷ୍ଟୟ ।

"ଭକ୍ଷ୍ୟ ଅନ୍ନ ପାନ—   ଗଳାଧଃକରଣ,
ବମନ, ଧ୍ୱନି, ଉଦ୍‌ଗାର",
ନାଭିସ୍ଥ ସମାନ—   ବାୟୁର ଯେ କର୍ମ
ଶୁଣିଛ ସେ କି ପ୍ରକାର ?

Digitized by srujanika@gmail.com

ବ୍ୟକ୍ତ ପରିପାକ, ତା' ସାର-ଅସାର
ଭାଗ ବିଭାଗ କରଇ,
ସର୍ବାଙ୍ଗ ବ୍ୟାପକ ବ୍ୟାନ କର୍ମ ଏହି
ରସ ବିତରି ପୋଷଇ । ୧୬ ।
ପୂର୍ବୋକ୍ତ ଆକାଶ ଆଦି ପଞ୍ଚ ମହା—
ଭୂତର ତାମସ ଅଂଶ
ପଞ୍ଚୀକୃତ ହୋଇ ପଞ୍ଚ ସ୍ଥୂଳ ଭୂତ
ଉତ୍ପନ୍ନ କରେ ବିଶେଷ ।
ସେହି ପଞ୍ଚୀକୃତ ପଞ୍ଚ ମହାଭୂତରୁଁ
ସ୍ଥୂଳ ସୃଷ୍ଟି ଏ ବ୍ରହ୍ମାଣ୍ଡ
ଏଥି ଚତୁର୍ଦ୍ଦଶ ଲୋକ, ଔଷଧି—
ମାନ ଜନ୍ମିଛି ପ୍ରକାଣ୍ଡ ।
ଔଷଧିରୁ ପୁଣି ହେଲା ଅନ୍ନ ଜାତ,
ତା' ତହୁଁ ରକତ, ରେତଃ
ତହିଁ ସଙ୍ଗେ ଭିନ୍ନ ରସ ମିଶି ହେଲା
ସ୍ଥୂଳ ଶରୀର * ସମ୍ଭୂତ ।
ମାୟା-ଉପହିତ ଅଟେ ଯେ ଚୈତନ୍ୟ,
ସେହି ଈଶ୍ୱର ବିହିତ
ଅବିଦ୍ୟା ସଂଯୁକ୍ତ ସେ ଚୈତନ୍ୟ ପୁଣି
ଜୀବ ନାମରେ କଥିତ ।

---

* ଏହି ସ୍ଥୂଳ ଶରୀର—ଜରାୟୁଜ ସ୍ୱେଦଜ, ଅଣ୍ଡଜ ଓ ଉଦ୍‌ଭିଜ୍ଜ ଭେଦରେ ଚାରି ପ୍ରକାର । ମନୁଷ୍ୟ ଓ ପଶ୍ୱାଦିର ଶରୀର ଜରାୟୁଜ; ପକ୍ଷୀ ସର୍ପାଦିର ଦେହ ଅଣ୍ଡଜ; ଯୋକ ମଶକାଦିର ଦେହ ସ୍ୱେଦଜ; ଏବଂ ବୃକ୍ଷ ବୃକ୍ଷାଦିର ଦେହ ଉଦ୍‌ଭିଜ୍ଜାତ ।

Digitized by srujanika@gmail.com

ଶୁଦ୍ଧ ସତ୍ତ୍ୱଗୁଣ- ପ୍ରଧାନ ସେ ମାୟା
ତାର ନାହିଁ ଆବରଣ
ତେଣୁଟି ଈଶ୍ୱର ମାୟାଛନ୍ନ ହୋଇ
ହେଲେ ସର୍ବଶକ୍ତିମାନ ।
ପୁନଶ୍ଚ ସର୍ବଜ୍ଞ ଅଟନ୍ତି ପ୍ରମାଣ,
ଅବିଦ୍ୟାର କଥା ଶୁଣ
ସେ ତ ତମୋମୟୀ ମଳିନ ଯେ ସତ୍ତ୍ୱ-
ଗୁଣରେ ହେଲା ପ୍ରଧାନ ।
ଅବିଦ୍ୟା-ସଞ୍ଜାତ ଚୈତନ୍ୟ ସ୍ୱଳ୍ପଜ୍ଞ
ସ୍ୱଳ୍ପଶକ୍ତି ଜୀବେ ଖ୍ୟାତ
ଜଳର ବୁଦ୍‌ବୁଦ ପରି ସର୍ବେ ଯିବା
ବ୍ରହ୍ମ ଚୈତନ୍ୟେ କଳ୍ପିତ ।
ଯଥା ତୈଳ ବିନ୍ଦୁ ସରୋବର ଜଳେ
ପତିତ ହେବା ତତ୍କାଳେ
ନାନା ରୂପେ ସେ ତ ହେଲେହେଁ ବିସ୍ତୃତ
ଜଳକୁ ଧର ନ ପାରେ ।
ତେସନ ଅନନ୍ତ ପୂର୍ଣ୍ଣ ଯେ ଚୈତନ୍ୟ
ତହୁଁ ମହାମାୟା କେବେ
କେଉଁ ଦେଶେ ଅବା ଅଣୁମାତ୍ର ଥରେ
ବିଜୃମ୍ଭିତ ହୁଏ ଯେବେ ।
ବିବିଧ ପ୍ରକାର ନାମ ରୂପ ତାର
ହୋଇଥାଏଟି ବିସ୍ତାର
ସେ ମାୟା ଜନିତ ବ୍ରହ୍ମ ଅତଯାନ୍ତ
ଭର ନ ପାରେ ବିକାର ।

Digitized by srujanika@gmail.com

ଯେହ୍ନ ନିରଞ୍ଜନ ଅଘଟ-ଘଟନ-
ପଟୀୟସୀ ଶକ୍ତି ବଳେ
ସ୍ୱୀୟ ଅବିକାର ବିଶଦ ନିର୍ମଳ
ଶୁଦ୍ଧ ଚୈତନ୍ୟକୁ ଧରେ ।

ତାହାର ଅନ୍ତନ୍ତ୍ୟ— ରଚନା ସ୍ୱରୂପ
ଏ ବିଶ୍ୱର ପ୍ରଦର୍ଶନ
ସେ ବ୍ରହ୍ମ ଚୈତନ୍ୟେ ଏ ବିଶ୍ୱ ସଂସାର
ସ୍ୱପ୍ନତୁଲ୍ୟ ବିବର୍ତ୍ତନ ।

ଆକାଶେ ଯେସନ ଧୂମର ବିସ୍ତାର
ତଥା ଚୈତନ୍ୟେ ମାୟାର—
କାର୍ଯ୍ୟ ବସ୍ତୁତର ବିସ୍ତୃତ ଆକାର
ସେ ବ୍ରହ୍ମ ନିର୍ମଳାଧାର ।

ସେ ଧୂମ ଆକାଶ ନ କରେ ଦୂଷଣ
କରି ନ ପାରେ ମଳିନ
ମାୟାରେ ତେସନ ନିର୍ମଳ ଚୈତନ୍ୟ
ନୋହେ ବିକୃତ ଦର୍ଶନ ।

ଅଗ୍ନିର ଯେସନ ଦାହିକା ଶକତି
କାର୍ଯ୍ୟେ ହୁଏ ଅନୁମେୟ
ବ୍ରହ୍ମ ଶକ୍ତି ମାୟା ଅଟେ ସେହିପରି
ପଣ୍ଡିତଙ୍କ ଅଭିପ୍ରେୟ ।

ଫୋଟକାଦି ହେଲେ ଅଗ୍ନିର ଦାହିକା
ଶକ୍ତି ଯଥା ଅନୁମିତ
ଦେଖି ଏ ଜଗତ ବ୍ରହ୍ମଶକ୍ତି ମାୟା—
ଦେଖୁ ବୋଲନ୍ତି ପଣ୍ଡିତ ।

ନ ଥାଏ ସେ ମାୟା ନିର୍ମଳ ଯେ ବ୍ରହ୍ମ-
ଚୈତନ୍ୟରେ କଦାଚିତ

Digitized by srujanika@gmail.com

ସୂର୍ଯ୍ୟ ଅନ୍ଧକାର— ପ୍ରବେଶ ନ ଥାଏ
ଯେଣୁ ସ୍ୱୟଂ ପ୍ରକାଶିତ ।
ଯେସନେ ଦିବାନ୍ଧ ପେଚକାଦି ଜୀବ
ଦିବସେ ସୂର୍ଯ୍ୟ କିରଣେ
ଦୃଷ୍ଟି-ଶକ୍ତିହୀନ ହେବାରୁ ନିଶାର
ଅନ୍ଧକାର କଳ୍ପେ ମନେ ।
ସେ କଳ୍ପନା ହିନା ବୁଦ୍ଧିର ବିକାର
ମିଥ୍ୟା ବୋଲି ତାକୁ ଜାଣ
ଯେଣୁ ସୂର୍ଯ୍ୟକରେ ତିଳେ ମାତ୍ର ତମଃ
ନ ଥିବା ଅଟେ ପ୍ରମାଣ ।
ସେହୁ ପର ହିନା ମୂଢ ଜନଙ୍କର
ନିର୍ମଳ ଚୈତନ୍ୟଠାରେ
ମାୟାର କଳ୍ପନା ହୋଇଥାଏ ମାତ୍ର
ବିବେକ-ଜ୍ଞାନ-ବୁଦ୍ଧିରେ ।
ବାସ୍ତବରେ ତାଙ୍କ ଏପରି କଳ୍ପନା
ନିତାନ୍ତ ମିଥ୍ୟା ଅଟଇ
ଶୁଦ୍ଧ ସ୍ୱପ୍ରକାଶ ବ୍ରହ୍ମରେ ମାୟାର
କିଛିହିଁ ସତ୍ତା ନ ଥାଇ ।
ଯାର ନାହିଁ ସତ୍ତା ତାହାର ଅସ୍ତିତ୍ୱ
ଅସମ୍ଭବ ମନେ ଧର
ଅବସ୍ତୁ ଅନାତ୍ମା ଜଡ଼ବୁଦ୍ଧ ହେତୁ
ନିର୍ମାଲ୍ୟ ନିଷ୍ଟସ୍ତ କର ।
ନାହିଁ ମାୟା ନାହିଁ ଜଗତ, ଏଜୀବ
ପୁଣି ଈଶ୍ୱର ନ ଥାଏ
କେବଳହିଁ ବ୍ରହ୍ମ— ମାତ୍ର ତ ଅଛଇ
ଆଉ ସବୁ ସ୍ୱପ୍ନପ୍ରାୟେ ।

Digitized by srujanika@gmail.com

ଏକ ବୋଲି ହେବେ ଯୋଗ୍ୟ ସେ ନୁହନ୍ତି
ତେବେ ଦ୍ୱିତୀୟ କପର
ସମ୍ଭବ ହୋଇ କି ପାରେ ? ଏକ ଯେଣୁ
ସଂଖ୍ୟାବଦ୍ଧ ସଙ୍ଗେ ସର ।

ସ୍ୱଜାତି-ବିଜାତି- ସ୍ୱଗତାଦ ଭେଦ-
ରହିତ ଯେ ଅଦ୍ୱିତୀୟ
ସେହି ବ୍ରହ୍ମେ ତାହା ନୁହେ ସମ୍ଭାବିତ
ଜାଣ ଅହେ ଧନଞ୍ଜୟ ।

ଲେଶ ମାତ୍ର ଦ୍ୱୈତ ନାହିଁ ତହିଁ ପୁଣି
ବେଦ ନ ସହେ ଦ୍ୱଇତ
ଯେ ସଦା ନିର୍ମଳ- ରୂପ, ଅଜ ଶବ୍ଦ-
ମନୋ-ବଚନ-ଅତୀତ ।

ଅନୁପମ ହେଲୁ ସଦୃଶ ତାଦୃଶ
ନୁହନ୍ତି, ସେ ଅତୀନ୍ଦ୍ରିୟ
ପ୍ରତ୍ୟକ୍ଷ- ପରୋକ୍ଷ— ଅତୀତ ଅନନ୍ତ
ସତ୍ୟ, ଜ୍ଞାନ, ଅଦ୍ୱିତୀୟ ।

ଭୂତ ଭବିଷ୍ୟତ ବର୍ତ୍ତମାନେ ପୁଣି
ନ ହୁଏ ଯାହାର ବାଧ
ସେହୁ ସତ୍ୟ ବୋଲି ଜାଣିବ ଜଗତ୍ତୟ
ମିଥ୍ୟା, ଯାର ହୁଏ ବାଧ ।

ଶାସ୍ତ୍ରୀୟ, ଯୌକ୍ତିକ, ପ୍ରତ୍ୟକ୍ଷ, ଏପରି
ବାଧତ୍ରୟ ଅଛି ଜାଣ
ବ୍ରହ୍ମ ବ୍ୟତିରେକେ ଅନ୍ୟ ବସ୍ତୁ ଯାହା
ସେ ମିଥ୍ୟା ଅଟେ ପ୍ରମାଣ ।

Digitized by srujanika@gmail.com

କର୍ଣ୍ଣ ତାହାକୁହିଁ ନ କରେ ଶ୍ରବଣ
ଚର୍ମ ନ କରେ ସ୍ପର୍ଶ
ଚକ୍ଷୁ ତାହାକୁ ନ କରେ ଦର୍ଶନ
ରସନା ନ କରେ ରସ (ଗ୍ରାସ) ।

ନାସିକା ତାହାର ଘ୍ରାଣ କରେ ନାହିଁ
ବାକ୍ୟ ନ କରେ ପ୍ରକାଶ,
ଅବିନାଶୀ ହେଲୁ ସଦ୍‌ରୂପ, ଚିଦ୍‌ରୂପ
ଯେଣୁ ସେ ସ୍ୱୟଂପ୍ରକାଶ ।

ସର୍ବ ପ୍ରିୟ ହେଲୁ ଆନନ୍ଦ ସ୍ୱରୂପ
ଆତ୍ମା ସେ ଯେ ପ୍ରିୟତମ
ଇହ ପର ଲୋକେ ଯାହା ପ୍ରିୟ ଅଟେ
ସେ ଅତ୍ମ-ପ୍ରୀତି-ଧରମ ।

ସେହି ତ ବ୍ୟାପକ, ସ୍ଥୂଳ ଅଉ ସୂକ୍ଷ୍ମ
ଦେହ ଦ୍ୱୟ ଅଶ୍ରୟରୁ
ଆତ୍ମା ଶବ୍ଦେ ପୁଣି କାଥ୍‌ନ ହୁଅନ୍ତି
ପୁଣି ଅଶ୍ୱର ବୃଦ୍ଧିରୁ—

ବୃହଦ୍ ବୋଲି ତାଙ୍କୁ ଶ୍ରୁତି ଯେ ନିର୍ଦ୍ଦେଶ—
କଲେ ବ୍ରହ୍ମ ଏହିପରି
ହେ ସଖେ ! ଯେକାଳେ ତୁମ୍ଭେ ନିଜର
ସ୍ୱରୂପକୁ ଜାଣି ଯାଇ—

ପ୍ରଶାନ୍ତି ଲଭିବ ସେକାଳେ ହୋଇବ
ଧନ୍ୟ କୃତାର୍ଥ ଜୀବନ
ପୁଣି ଜୀବନ୍ମୁକ୍ତ ହୋଇଣ ସତତ
ସାନନ୍ଦ କରିବ ମନ ।

Digitized by srujanika@gmail.com

ମୋକ୍ଷ ବୋଲି ଯାକୁ ନିର୍ଦ୍ଦେଶ କରନ୍ତି
ତତ୍ତ୍ୱଦର୍ଶୀ ଯୋଗିଗଣ
ପୃଷ୍ଠ-ବିଲମ୍ବିତ କଣ୍ଠହାର ପ୍ରାପ୍ତ—
ପରି ଏ ସ୍ୱରୂପ ଜ୍ଞାନ * ।
ତତ୍ତ୍ୱଜ୍ଞ ପୁରୁଷ— ମାନଙ୍କ ଅଖଣ୍ଡ—
ବୋଧ ହୁଅନ୍ତେ ଉଦିତ
ମାୟା, ତାର କାର୍ଯ୍ୟ ସମସ୍ତ ଅନୃତ
ବୋଲି ହୁଅଇ ପ୍ରତୀତ ।
ଯଥା ତପନର ମହା ପ୍ରକାଶରେ
ତମଃ ତା' କାର୍ଯ୍ୟ ଅଦୃଶ୍ୟ
ତେସନ ବିମଳା- ନନ୍ଦ ପରଂବ୍ରହ୍ମେ
ନ ଥାଏ ଜଗତ ଲେଶ ।
ଯେତେକ କଳ୍ପିତ ନାମ-ରୂପାତ୍ମକ
ସେ ସକଳ ମିଥ୍ୟାମସ୍ତୁ

ଯେପରି କଣ୍ଠସ୍ଥିତ ହାର ପୃଷ୍ଠଭାଗରେ ବିଲମ୍ବିତ ହୋଇ ପଡ଼ିଲେ 'ହା' ମୋ ହାର କାହିଁ ଗଲା ବୋଲି ବ୍ୟାକୁଳ ହେଲା-ବେଳେ ଯେବେ କେହି ସେକାଳେ "ପିଠିଅଡ଼େ ତୁମ୍ଭର ଅଛି ବୋଲି" କହି ଦେଲାରୁ ଯେ ହାତ ବଢ଼ାଇ ହାରଟି ସ୍ପର୍ଶ କରିବାମାତ୍ରେ ହିଁ ପାଇଲି ବୋଧ କରେ, ସେହିପରି ପରିପୂର୍ଣ୍ଣ ସଚ୍ଚିଦାନନ୍ଦସ୍ୱରୂପ ଆତ୍ମା ଅନ୍ତଃକରଣର ସାକ୍ଷୀରୂପେ ସର୍ବଦା ରହି ସୁଦ୍ଧା ଅବିଦ୍ୟା—ଆବରଣ ହେତୁରୁ ଅପ୍ରାପ୍ତ [ନ ଥିଲା] ପରି ବୋଧ ହୁଅନ୍ତି । ଗୁରୁଙ୍କ ଉପଦେଶାନୁସାରେ ମହାବାକ୍ୟ (ତତ୍ତ୍ୱମସି) ବିଚାର ଦ୍ୱାରା ଅବିଦ୍ୟା (ଅଜ୍ଞାନ) ନାଶ ହୋଇ ଆତ୍ମ-ଜ୍ଞାନର ଉଦୟ ହେବା ମାତ୍ରକେ ସ୍ୱରୂପ ଲାଭ ହେଲା ବୋଲି ମନରେ ହ୍ରାଇଯାଏ ।

Digitized by srujanika@gmail.com

ଯେସନ ଵନ୍ତ୍ରେ   ଭୁଜଙ୍ଗ ମାନ୍ତ୍ରରେ
ମାଠିଅ କଲ୍ୟନାମସ୍ତୁ ।
ଭାଦ୍ରପଦ ମାସେ   ଶୁକ୍ଲପକ୍ଷ ବାସରେ
ଏକାଦଶୀ ଅର୍କବାରେ
ପାର୍ଥ ପରବର୍ତ୍ତି   କର, ଜଗନ୍ନାଥ
ଏ ଅଧ୍ୟା ଶୁଣିଲେ ବାରେ ।

ଇତ୍ୟଧ୍ୟାତ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ
ଶ୍ରୀକୃଷ୍ଣାର୍ଜୁନସଂବାଦେ ଗୀତାୟାଂ ଷଷ୍ଠୋଽଧ୍ୟାୟଃ । ୬ ।

ସପ୍ତମ ଅଧ୍ୟାୟ ।

ଅର୍ଜୁନ ଉବାଚ ।

ପୁଛିଲେ ଅର୍ଜୁନ   ହେ ଯଦୁନନ୍ଦନ !
ଯାହା ବ୍ରହ୍ମ ବୋଲି ଜାଣ
ସ୍ୱାତ୍ମ ଅନ୍ତଃରୂପେ   ଲକ୍ଷ୍ୟ କେ ସ୍ୱରୂପେ
ତାହା କରନ୍ତୁ ବାଚନ ।
ଯାର ଅବଗତ   ହୁଅନ୍ତେ ଜଗତ
ନିଜ ଅସ୍ଥା ବ୍ରହ୍ମ ବୋଲି
ଅଭେଦ ଭାବରେ   ଜାଣିବ ମୁଁ ଭଲେ
ସେ ବିଷୟ କହ ଖୋଲି ।
ଅଦ୍ଭୁତ ଅଶ୍ରୁତ—   ପୂର୍ବ ଯେଉଁ ତତ୍ତ୍ୱ—
ବାର୍ତ୍ତାମାନ ଉପଦେଶ—   ॥
ଦେଲକ୍ଟ ଅପଣ   କର ମୁଁ ଶ୍ରବଣ
କୃତାର୍ଥ ହେ ହୃଷୀକେଶ !

Digitized by srujanika@gmail.com

ତଥାପି ସଂସ୍କୃତ   ମୋର ଆତ୍ମା ପ୍ରତି
ପୂର୍ଣ୍ଣବ୍ରହ୍ମ ରୂପ ଜ୍ଞାନ—
ଥିଲେହେଁ, ସେ "ବ୍ରହ୍ମ— ଆତ୍ମା" ଯେ ସମାନ
ଏ ଐକ୍ୟ ବୋଧେ ଅଜ୍ଞାନ ।
ତେଣୁ ହେ ଶ୍ରୀଧର   ଆତ୍ମାକୁ ଯେପରି
ବ୍ରହ୍ମ ସହ ଅଭେଦରେ
ଅବଶ୍ୟ ଜାଣିବ   ଶାନ୍ତ ମୁଁ ଲଭିବ
ଉପାୟ ବୋଲ ସତ୍ୱରେ ।

ଶ୍ରୀ ଭଗବାନୁବାଚ ।

ଶ୍ରୀକୃଷ୍ଣ ସଧୀରେ   କହନ୍ତି ତଥିରେ,
ହୃଦୟ ପଦ୍ମ ମଧ୍ୟରେ
ଅଙ୍ଗୁଷ୍ଠ ପ୍ରମାଣ   ପୁରୁଷ ପ୍ରଧାନ
ଯେହୁ ଅବସ୍ଥିତି କରେ ।
ତାହାକୁହିଁ ଆତ୍ମା,   ସେହି ସର୍ବଜ୍ଞାତ
ସୂକ୍ଷ୍ମ ବୁଦ୍ଧିରେ ଜାଣ
କର ତୁ ସାକ୍ଷାତ   ଯେ ସର୍ବ-ବରଣ୍ୟାତ
ହେ ପାର୍ଥ, ଧର ଧିଆନ ।
ହୃଦୟ-କମଳ   ଅଙ୍ଗୁଷ୍ଠ ମାତର—
ବୃଦ୍ଧାଙ୍ଗୁଳ ପରମାଣ
ବଂଶପର୍ବ-ମଧ୍ୟ—   ବର୍ତ୍ତୀ ନଭଃବତ
ସେ କମଳେ ଯାର ସ୍ଥାନ ।
ବଂଶପର୍ବେ ଯଥା   ଆକାଶର ତଥା
ପ୍ରକାଶ, ଆତ୍ମାର ହୃଦେ

Digitized by srujanika@gmail.com

* ଅଙ୍ଗୁଷ୍ଠ ମାତର   ପୁଂସ କଳେବର
ଏହା ବୋଲନ୍ତି ବେଦେ ।
ଯଥା ମହାକାଶ—   ମଧ୍ୟେ ଘଟ ଜାତ
ହୁଅନ୍ତେ, ସେହି ଅକାଶ
ଘଟ-ମଧ୍ୟଗତ   ହେବାରୁ, ପଣ୍ଡିତ—
ଗଣ କରନ୍ତି ପ୍ରକାଶ ।
"ଘଟ-ଅବଚ୍ଛିନ୍ନ   ଅକାଶ ବୋଲଣ"
ସେହିପରି ଯେତେବେଳେ
କୂଟସ୍ଥ ଆତ୍ମାରେ   ଯେ ବୁଦ୍ଧି ବହରେ
ବୁଦ୍ଧିଗତ ଚେତେବେଳେ ।
କୂଟସ୍ଥ ଚୈତନ୍ୟ   ବୁଦ୍ଧିର ଅଧୀନ
ହୋଇ ଯେବେ ପ୍ରକାଶଇ
ବୁଦ୍ଧି-ଅବଚ୍ଛିନ୍ନ   ଚୈତନ୍ୟ ବୋଲଣ
ଲୋକେ କଥିତ ହୁଅଇ ।
ସେହି ବୁଦ୍ଧି ଅବ—   ଚ୍ଛିନ୍ନ ଯେ ଚୈତନ୍ୟ
ଅସ୍ମାରୂପେ ଲକ୍ଷ୍ୟ, ଜାଣ
ପରମ ଅର୍ଥରେ   ଜୀବ ଶବଦରେ
ବାଚ୍ୟ ହୋଇଛ ଅପଣ ।
ମହାବାକ୍ୟ ବଳେ   ତାହାଙ୍କୁ ଶୋଧିଲେ
ବ୍ରହ୍ମସଙ୍ଗ ସମତ୍ବେ—
ଜାଣି ଏ ଜୀବନ—   ମୁକତି ଲଭଣ
ଥାଅ ଆନନ୍ଦ ସ୍ୱତ୍ବେ । ୪ । ୫ ।

---

* ଅଙ୍ଗୁଷ୍ଠମାତ୍ରଃ ପୁରୁଷୋ ମଧ୍ୟ ଆତ୍ମନି ତିଷ୍ଠତି ଈଶାନୋ ଭୂତ-ଭବ୍ୟସ୍ୟେତି ।

Digitized by srujanika@gmail.com

ବୁଦ୍ଧି-ଅବଚ୍ଛିନ୍ନ କୂଟସ୍ଥ ଚୈତନ୍ୟ
ଜୀବ ଲକ୍ଷଂ ତୁମ୍ଭେ ସତ
"ପ୍ରଜ୍ଞାନ" ଶବଦେ ବେଦ-ଶାସ୍ତ୍ରବଦେ
ପୁଣି କରନ୍ତୁ ବ୍ୟକତ ।
ସେ "ଜୀବ" ପ୍ରଜ୍ଞାନ "ଅନନ୍ତ ଓ ବ୍ରହ୍ମ"
ଏହି ବିଶେଷଣ ଧରେ
ତା' ଯୋଗେ ଏ କର୍ଣ୍ଣ କରଇ ଶ୍ରବଣ
ଚକ୍ଷୁଃ ଦରଶନ କରେ ।
ପୁଣି ବୁଦ୍ଧି ବଳେ ଜାଣଇ ସକଳେ,
ଘ୍ରାଣ ଗନ୍ଧ ଅନୁଭବେ,
ରସନା ଆସ୍ୱାଦ କରେ କେ ଅସ୍ୱାଦ,
ଚର୍ମ ଶୀତ ଉଷ୍ଣ ଲଭେ ।
ଏହି ଯେ ପ୍ରଜ୍ଞାନ ଏହାକୁ ଚୈତନ୍ୟ,
ଜ୍ଞାନ, ସର୍ବ ଜ୍ଞାନାଶ୍ରୟ,
ନିତ୍ୟଶୁଦ୍ଧ ପୁଣି ଅଲକ୍ଷ୍ୟ, କୂଟସ୍ଥ,
ବେଦ କହନ୍ତି ନିଶ୍ଚୟ । ୭-୮
ସେ ବୁଦ୍ଧ୍ୟବଚ୍ଛିନ୍ନ କୂଟସ୍ଥ ଚୈତନ୍ୟ
ଯେବେ ବୃତ୍ତି ଅ[illegible]
ଜ୍ଞାନ ଯନ୍ତ୍ରେ ତେବେ ଅଭିବ୍ୟକ୍ତ ହୁଏ
ତେଣୁ ଚୈତନ୍ୟ କହଇ ।
ତାର ବିବରଣ କହୁଅଛୁଁ ଶୁଣ
ବୁଦ୍ଧିସ୍ଥିତ ଚିଦାଭାସ
ଯେବେ ଅହଂକାର କାମ କ୍ରୋଧାଦିର
ବୃତ୍ତି କରଇ ପ୍ରକାଶ ।
ତେବେ ସେ କୂଟସ୍ଥ ଚୈତନ୍ୟ ଅବଶ୍ୟ
ବୃତ୍ତି-ଜ୍ଞାନ-ଉତ୍ପାଦକ—

Digitized by srujanika@gmail.com

ହୁଏ ବୋଲି "ଜ୍ଞାନ"   ଏହି ଅଭିଧାନ
ଯହୁ ହୁଏ ଜ୍ଞାତ୍ମକ ।
ଅଗ୍ନି-ମଧ୍ୟସ୍ଥିତ   ଯେସନ ପ୍ରତପ୍ତ
ଲୌହପିଣ୍ଡେ ଅଗ୍ନି ଥାଇଁ
ଅଖଣ୍ଡ ରୂପରେ   ବ୍ୟାପ୍ତ ହୋଇ ଘଟେ
ଅନୁପ୍ରବେଶ କରଇ ।
ସେହି ଲୌହପିଣ୍ଡ   ଯେ ଅକୃତ ଖଣ୍ଡ
ଧରଇ ତାହା ସହିତ
ଅଗ୍ନି ମଧ୍ୟ ସେହି   ଅକୃତ ଧରଇ
ଅବଭାସକ ବୋଲିତ ।
ତନୁ ଏକମାତ୍ର   ଅଖଣ୍ଡସ୍ୱରୂପ
ଅନଳର ସାହାଯ୍ୟରେ
ଲୌହ ଖଣ୍ଡମାନ   ତଦାକାରେ ଜାଣ
ପ୍ରକାଶ ପାନ୍ତି ସର୍ବରେ ।
ତେସନ ଯେ ବୁଦ୍ଧି   ଚିଦାଭାସ ଯିବି
ଯେ ବୃତ୍ତିରେ ପରିଣତ
ତା' ସଙ୍ଗେ ସେ ବୃତ୍ତି—   ରୂପେ ଲଭେ ସ୍ଥିତି
ଅବଭାସକ ସମ୍ମତ ।
ଏକହିଁ ଚୈତନ୍ୟ   ଉପାଧି ଭେଦରେ
ଚତୁର୍ବିଧ ଭାବେ ଉକ୍ତ
ପ୍ରମାତୃ-ପ୍ରମାଣ—   ବିଷୟ-ଚୈତନ୍ୟ
ଚତୁର୍ଥେ ଫଳ ବୋଲିତ ।
ବୁଦ୍ଧି-ଅବଚ୍ଛିନ୍ନ-   [୧]ପ୍ରମାତୃ ଚୈତନ୍ୟ,
ବୁଦ୍ଧି-ବୃତ୍ତି-ଅବଚ୍ଛିନ୍ନ
[୨]ପ୍ରମାଣ ଚୈତନ୍ୟ,   ଘଟାଦି ବିଷୟେ
[୩]ବିଷୟ ଚୈତନ୍ୟ, ଜାଣ ।

Digitized by srujanika@gmail.com

ବୁଦ୍ଧି-ବୃତ୍ତି-ପ୍ରଭା— ଖଳ ଯେ ଚୈତନ୍ୟ
ତା ନାମ *ଫଳ ଚୈତନ୍ୟ,
ବିଷୟ ସହିତ ବୃତ୍ତିର ଏକତ୍ୱ
ହୁଅନ୍ତେ ସେହି ଚୈତନ୍ୟ—

ଅଭେଦ ଭାବରେ ମିଳିତ ହୋଇଲେ
ଫଳ ଚୈତନ୍ୟ ଜନ୍ମଇ
ତେଣୁ ବୃତ୍ତିଗତ ଆବରଣ ଯାହା
ତାହା ବିନଷ୍ଟ ହୁଅଇ ।

ବ୍ରହ୍ମ ଚଇତନ୍ୟ— ହୋଇ ସାଧାରଣ—
ଅଜ୍ଞାନ-ଆବୃତ୍ତ ହୁଏ
ସେକାଳେ କୂଟସ୍ଥ— ସାକ୍ଷୀସ୍ୱରୂପରେ
ବିଷୟ ପ୍ରକାଶ ପାଏ ।

ପୁଣି ସେହି ବୃତ୍ତି ହେଲେ ଲୟପ୍ରାପ୍ତି—
ଏକମାତ୍ର ସେହି ଜାଣ
ଜ୍ଞାନ ଶବ୍ଦବାଚ୍ୟ ଚୈତନ୍ୟ ବୋଲିତ
ରହେ ଅବଶିଷ୍ଟ ପୁଣ ।

କୂଟସ୍ଥ ଚୈତନ୍ୟ ତହୁଁ ନୋହେ ଭିନ୍ନ
ସେ ଯେ ବ୍ରହ୍ମ ଚଇତନ୍ୟ,
ଏହାକୁ ଜାଣିବା ପାଇଁ ବେଦେ ଥିବା
ଜ୍ଞାନ ଶବଦେ ଭୂଷଣ । ୯-୧୧

ସେ ଜ୍ଞାନକୁ ପୁଣି 'ସଂବିଦ୍' ବୋଲି ଭଣି,
ହୁଅନ୍ତି ସେ ଏକାର୍ଥକ,
ଶବ୍ଦଗତ ଭେଦ— ଭିନ୍ନ ତାଙ୍କ ଭେଦ
ନାହିଁ, ଚୈତନ୍ୟ-ବୋଧକ ।

Digitized by srujanika@gmail.com

ଗନ୍ଧ୍ୟାଦି ଶ୍ରବଣ କରୁଛ, ଦର୍ଶନ
ଯେ ସବୁ ସମ୍ବିଦ ବଳ
ସ୍ୱଅନ୍ତ ପ୍ରକାଶ ଜ୍ଞାନର ପ୍ରକାଶ
ସ୍ୱରୂପ ଅପେକ୍ଷ୍ୟ କରେ ।
ଜ୍ଞାନକୁ ସମ୍ବିଦ ବୋଲନ୍ତି ବୋଧକ
କୂଟସ୍ଥ ଚୈତନ୍ୟ ରୂପ
ଆତ୍ମା ବୋଲି ଅନୁ ଭବ ଧନଞ୍ଜୟ !
ଯା' ଭଳି ଦେଖ ସ୍ୱରୂପ ।
ସେ ସକଳ ମୁହିଁ ଜାଣୁଅଛି, ତହିଁ
ଏ ପ୍ରକାର ଜ୍ଞାନ ହୁଏ,
ଜ୍ଞାନର ଏହୁ ତ ଅବଭାସ, ସେ'ତ
ସମ୍ବିଦ୍ ବଳେ ହୋଇଥାଏ ।
ଦୃଶ୍ୟ ବସ୍ତୁ ସବୁ ଅନାତ୍ମା ଜାଣିବ
ଜଡ଼ବସ୍ତୁ ବୋଲି ତଥାପି,
ତାକୁ ଅବଚ୍ଛିନ୍ନ ଆତ୍ମା ବୋଲି ଜାଣ
ସୂକ୍ଷ୍ମ ବୁଦ୍ଧିରେ ପଶି ।
ଯେ ସମ୍ବିଦ୍ ସେହି ସ୍ୱ-ଆତ୍ମା ବ୍ରହ୍ମହିଁ,
ଚୈତନ୍ୟ ଅଖଣ୍ଡ ଘନ,
ସେହି ଯେ 'ତ୍ୱଂ' ପଦ ତତ୍ ପଦର ଲକ୍ଷ୍ୟ,
ଗୁରୁ ବାକ୍ୟେ ବୋଧକର ।୧୨-୧୫
ଘଟାକାଶ ଯାହା ମହାକାଶ ତାହା
ଜାଣ ସେ ଏକ ଅଭିନ୍ନ,
ଅଖଣ୍ଡ ଲକ୍ଷଣ ଏକତ୍ୱ ଜାଣିଣ
ବ୍ରହ୍ମାହସ୍ମି ହୁଅ ଅର୍ଜୁନ !
ତ୍ୱଂ ପଦର ଲକ୍ଷ୍ୟ କୂଟସ୍ଥ ଚୈତନ୍ୟ,
ତତ୍ପଦର ଲକ୍ଷ୍ୟ ବ୍ରହ୍ମ,

Digitized by srujanika@gmail.com

ଉଭୟର ଲକ୍ଷ୍ୟ   ଏକହିଁ ଅଭେଦ
    ଜାଣି ହୁଅ ପୂର୍ଣ୍ଣ ବ୍ରହ୍ମ ।
ଉପାଧି ସତ୍ତ୍ୱରେ   ଅବା ନାଶରେ
    ଘଟାକାଶ ମହାକାଶ—
ସ୍ୱରୂପେ ସେ ଯଥା   ଅଭିନ୍ନ ତଥା
    ଆତ୍ମା ବ୍ରହ୍ମର ବୋଧ ।
ଏଣୁ ହେ ଅର୍ଜୁନ !   ତୁମ୍ଭେ 'ଆତ୍ମା-ବ୍ରହ୍ମ'
    ସ୍ୱରୂପେ ଅଭେଦ ଜାଣି,
ପୂର୍ଣ୍ଣ ରୂପ ହୁଅ   ଅଖଣ୍ଡ ଚିଦ୍‌ଘନ
    ଯେହ୍ନେ ହୁଏ ମହାଜ୍ଞାନୀ ।
ଆକାଶ ଯେସନ   ଏକ ହୋଇ, ପୂର୍ଣ୍ଣ
    ନାନାଧାରେ ପ୍ରକାଶଇ,
ଆତ୍ମାହିଁ ତେସନ   ଅଦ୍ୱୟ ହୋଇଣ
    ନାନା ନାମେ ବିକାଶଇ ।
ସହସ୍ର ପ୍ରସ୍ଥେ   ବହ୍ନି ଏକରୂପେ
    ହୁଅଇ ଯଥା ଭାସ୍ୱର,
ସର୍ବ ଶରୀରରେ   ଏକାତ୍ମା ତହଁରେ
    ଥୁଏ ସଦବ୍ୟସ୍ତ ଉଦ୍ଭବ ।
ସହସ୍ର ଧେନୁରେ   ଏକ ରୂପ କ୍ଷୀର,
    ଘୃତ ସେ ନୁହନ୍ତି ଭିନ୍ନ,
ନାନା ଅରଣିରେ   ପୁଣି ବା ପ୍ରସ୍ତରେ
    ଅନଳ ଯଥା ଅଭିନ୍ନ ।
ନାନା ଜଳାଶୟେ   ଯେ ଯେ ଜଳ ଥାଏ
    ସେ ଏକରୂପେ ସ୍ଫୁରଇ,
ନାନା ବର୍ଣ୍ଣ ପୁଷ୍ପେ   ଏକମାତ୍ର ମଧୁ
    ସେ ଯଥା ମଧୁର ହୋଇ ।

Digitized by srujanika@gmail.com

ହେଲେହେଁ ସହସ୍ର- ଖଣ୍ଡ ଭିନ୍ନବର୍ଣ୍ଣ
ସେ ସର୍ବେ ଏକହିଁ ବସ୍ତୁ,
ତଥା ଅଗଣିତ ସ୍ୱଭାବରେ ଚୈତନ୍ୟ
ଅଦ୍ୱୟ ପୂର୍ଣ୍ଣ ବୋଧ ।
ସେ ଅଦ୍ୱୟ ପୂର୍ଣ୍ଣ ଚୈତନ୍ୟରେ ଜାଣ
ମାୟା-କଳ୍ପିତ ସକଳ—
ମିଥ୍ୟା ଓ ଅଚଳ ମାୟାଯୋଗେ ତହିଁ
ନାନାରୂପ ଚୈତନ୍ୟର । ୨୩

ଅଖଣ୍ଡ ବିମଳ ପୂର୍ଣ୍ଣ ସେ କେବଳ,
ତହିଁ ଦ୍ୱୈତଗନ୍ଧ ନାହିଁ,
ସତ୍ୟ ବ୍ରହ୍ମ ଭିନ୍ନ ଅଛି ନାହିଁ ଅନ୍ୟ
ସେ ନାନାଭାବେ ସ୍ଫୁରଇ ।
ନାନା ରୂପାତ୍ମକ ଦୃଶ୍ୟ ଦ୍ରବ୍ୟ ଯାହା
ଯାହା କିଛି ଦେଖୁଅଛ,
ସେ ସର୍ବ ସାଭାସ ! ସ୍ୱପ୍ନ ସମ ମିଛ,
ବିବର୍ତ୍ତି ହୁଏ ସେ ସ୍ୱଚ୍ଛ ।
ରଜ୍ଜୁ ଯେପରି ସର୍ପରୂପ ଧରି
ବିବର୍ତ୍ତି ହୋଇ ପ୍ରକାଶେ,
ଏକହିଁ ଚୈତନ୍ୟ ବିବର୍ତ୍ତ ହୋଇଣ
ସର୍ବ ପ୍ରକାରେ ବିକାଶେ ।
ସେ ଚୈତନ୍ୟ-ଭିନ୍ନ ନାହିଁ କିଛି ଅନ୍ୟ
ସକଳ ଚୈତନ୍ୟମୟ
କେବଳ ସଚ୍ଚିଦା— ନନ୍ଦ ବ୍ରହ୍ମମାତ୍ର,
ସତ୍ୟ, ସେହି ଏକ, ଅଦ୍ୱୟ ।

Digitized by srujanika@gmail.com

ଯେ ସଚ୍ଚିଦାନନ୍ଦ— ଶବ୍ଦରେ ଲକ୍ଷ୍ୟ,
ବେଦ ତା ଲକ୍ଷ୍ୟ କରଏ,
ସେହି ଲକ୍ଷ୍ୟ ବସ୍ତୁ— ଚୈତନ୍ୟ, ସୁଜାଣ
ଅକ୍ଷର, ବିନାଶ ନୁହେ ।
ଶବଠୁଁ ଅତୀତ, ଅକ୍ଷରୁ ଅତୀତ,
ପୁଣି ଅଟେ ନିରଞ୍ଜନ,
ସେ ତ ଭୂମା ରୂପ ଜାଣିଣ ସ୍ୱରୂପ
କର ଅସ୍ମିତ୍ୱ ବର୍ଜନ ।
ଯେଣୁ ଅଭିମାନ ମୁଖ୍ୟ ଆବରଣ
ତହିଁ ସ୍ୱରୂପ ଆବୃତ,
ଅହଂକାର ଯାହା ପଞ୍ଚକୋଷେ ତାହା
କର୍ତ୍ତୃତ୍ୱବେ ବେଷ୍ଟିତ ।
ବ୍ରହ୍ମଙ୍କ ବୋଲିଣ ଏ ତ 'ଅଭିମାନ'
ବିଜ୍ଞାନମୟ କୋଷରେ,
ସେ ତ ଅହଂକାର- ଧର୍ମିଷ୍ଠ, ଉଗ୍ରର,
ବ୍ରହ୍ମ ଆଚ୍ଛାଦନ କରେ ।
ଏଣୁ ହେ ଅର୍ଜୁନ ! ସେ ଭାବ ବର୍ଜନ
କର, ସ୍ୱରୂପେ ଯା' ସ୍ଥିତ—
ତାହା, ତତ୍ତ୍ୱ ଜ୍ଞାନ ବୋଲନ୍ତି ସୁଜାଣ
ତତ୍ତ୍ୱଦର୍ଶୀ ଯୋଗିଚିତ୍ତ ।
ଅନ୍ଧାର ଗୃହରେ ସୁପ୍ତ-ଘଣ୍ଟାରରେ
ତୂଳିକା ଆବୃତ କଲେ,
ତୂଳିକା ଶରୀର ଦୃଷ୍ଟି ଅଗୋଚର
କେବଳ ସାକ୍ଷୀ ଭିତରେ ।
ଅହମସ୍ମି (ମୁହିଁ ଅଛି) ବୋଲି ଏ ଭାବରେ ଖାଲି
ଅନ୍ତଃ କରଣ ସ୍ଫୁରଇ,

Digitized by srujanika@gmail.com

ଏପରି ଭାବନା   କରଣ ଅପଣା--
ସ୍ୱରୂପ ଲକ୍ଷ୍ୟ ଉତୋଳ ।
ନିଃଶେଷ ସଂଘାତ *   ହେଲେ ପରିତ୍ୟକ୍ତ
ଅଉ ତ କିଛି ନ ଥାଏ,
କେବଳ 'ସ୍ୱରୂପ   ସ୍ୱୟଂ' ଏହିରୂପ
ଅବଶିଷ୍ଟ ରହି ଥାଏ ।
'ଅଛି-ନାହିଁ' ଏହି   'ବୁଦ୍ଧି-ଧର୍ମ' ଦୁଇ
ସର୍ବଥା ତ୍ୟାଗ କରିବ,
ଅହଂ ଭାବ ଗୋଷ୍ଠି   ସର୍ବଦା ତ୍ୟାଜ୍ୟଷ୍ଟ
ସର୍ବଥା ଚେତ ରଖିବ ।
ମୁହିଁ ଏକା ଅଛି—   ପ୍ରକାଶ ପାଉଛି
ଏ ଭାବ ଛାଡ଼ କେବଳ,
ଯେଉଁ ଥିଲେ ମଧ୍ୟ   ସୁଷୁପ୍ତି [ଶୋଇଲା] ପର୍ଯ୍ୟନ୍ତ
ଛାଡ଼ିଛି ସର୍ବ ବ୍ୟାପାର ।
ସୁଷୁପ୍ତିର ଧର୍ମ—   ଜାଣିବ ଅଜ୍ଞାନ
ତାହା ହୋଇଲେ ବିଲୀନ
କେବଳ ସେ ସ୍ୱୟଂ—   ଚୈତନ୍ୟ ମାତ୍ରକ
ରହିଥାଏ ଅନୁକ୍ଷଣ ।
ସୁଷୁପ୍ତି-ଅଜ୍ଞାନ   ଦୂର ହେଲେ ପୁଣ
ଭାବ-ବର୍ଜିତ ଯେ ଭାବ
ହୃଦୟ ସ୍ଫୁରଣ   ପଣ୍ଡାରେ ଜାଣିଣ
ନିଜେ ବ୍ରହ୍ମାସ୍ୱାଦ ଭାବ ।

---

* ସଂଘାତ—ଶରୀର, ଇନ୍ଦ୍ରିୟ, ମନଃ, ବୁଦ୍ଧି, ଚିତ୍ତ ଏବଂ ଅହଂ-କାରାଦି ଏମାନଙ୍କର ସମଷ୍ଟିକୁ ସଂଘାତ ବୋଲାଯାଏ ।

Digitized by srujanika@gmail.com

ଆତ୍ମା ଶବ୍ଦରେ ‘ମକାର ଶବ୍ଦରେ’
ଶ୍ରବଣ ରୂପ ଦର୍ଶନ,
ଜ୍ଞାତାଜ୍ଞେୟ ମାନ କିଛି ନାହିଁ ଜାଣ,
ଅଛି ସଦ୍ରୂପ ଚେତନ ।
ସୂକ୍ଷ୍ମ ବୁଦ୍ଧିରେ ଆପେ ଆପଣାରେ
ଜାଣିବ ନିଜର ରୂପ,
ବୃତ୍ତିଜ୍ଞାନ ସଙ୍ଗେ ବୁଦ୍ଧି ଲୟ ହୋଇଲେ
ଯାହା ରହେ ସେ ସ୍ୱରୂପ ।
ତାହାକୁ ଆପଣା ଆତ୍ମା ବୋଲି ଚିହ୍ନି
ଲକ୍ଷ୍ୟ କର ଧନଞ୍ଜୟ !
ନିଜକୁ ଅଭିନ୍ନ ବ୍ରହ୍ମ ବୋଲି ଜାଣ
କୃତାର୍ଥ ହୁଅ କୌନ୍ତେୟ !
ଅହେ ଶ୍ରୋତାଗଣ ! ଜାଣୁଛ ନିଶ୍ଚୟ
ତୁମ୍ଭଙ୍କୁ କହିଲି ଯାହା
ସେହି ସାରଭୂତ ତତ୍ତ୍ୱ ଅଟେ ସତ୍ୟ
କେହି ନ ଜାଣନ୍ତି ତାହା ।
ତୁମ୍ଭଠାରେ ଶୋକ- ମୋହାଦି ସକଳ
ନାହିଁ କିଛି ମହାଶୟ !
ତୁମ୍ଭେ ନିତ୍ୟଶୁଦ୍ଧ, ନିର୍ମଳ ହୋଇଛ
ଏ ରୂପରେ ହୁଅ ଥୟ । ୩୮ ।

ଶାନ୍ତବ୍ରତ ଉବାଚ ।

ଶାନ୍ତବ୍ରତ ଋଷି କହିଲେ ବିଶେଷି
ବାସୁଦେବଙ୍କ ବଚନ
ଶୁଣି ପାର୍ଥ ବୀର ମନଃ କରି ସ୍ଥିର
ଶୋକ ତେଜିଣ ବହନ ।

Digitized by srujanika@gmail.com

ଏ ମାସ୍ତୁ ହସାର   ଅସତ୍ୟ-ଅଧାର
ଏଥି ମୋ ଅସକ୍ତି ନାହିଁ,
ତତ୍ତ୍ୱ ସାରଭୂତ   ଶୁଣି ମୁଁ କୃତାର୍ଥ
ହେଲ ଅଜ୍ଞ ରମାସାଇଁ !
ଏଥି ଅନନ୍ତରେ   ବିନୀତ ଭାବରେ
କୃଷ୍ଣଙ୍କୁ ପ୍ରଣାମ କରୁ,
ହୃଦସ୍ଥ ପ୍ରସନ୍ନ   କମଳ ଯେ କୃଷ୍ଣ
ତାଙ୍କୁ ମନେ ମନେ ସ୍ମରୁ ।
ଭକ୍ତି ସହକାରେ   ନମ୍ର ସମାସ୍ତରେ
ଭାବଭରେ ବିଜଡ଼ିତ
ହୋଇ କୃତାଞ୍ଜଳି,   କର ନଇଁ ଶିର
ସ୍ତୁତି କଲେ ସମୁଚିତ ।

ଅର୍ଜୁନ ଉବାଚ ।

କଲେ ସ୍ତୁତି ଗାନ   ତଯୋଭ-ଅର୍ଜୁନ
ହେ କୃଷ୍ଣ ! ତୁମ୍ଭେ ଅଦମ,
ପୁରୁଷ ପୁରାଣ,   ତବ ତତ୍ତ୍ୱମାନ
ବେଦ ନ ଜାଣେ, ଅସୀମ ।
ମୁଁ ମୂଢ଼ ମୋହିତ   ନ ଜାଣେ କଥିତ
କି ବୋଲି ସ୍ତୁତି କରିବ,
ସର୍ବ ଅନ୍ତର୍ଯ୍ୟାମୀ   ହେ ପରମ ସ୍ୱାମି !
ନମେ ଶ୍ରୀ ଚରଣ ସେବ ।
ବିଶ୍ୱର ଉତ୍ପତ୍ତି-   କାରଣ ତୁମ୍ଭେଟ
ସତ୍ୟରୂପ ଅଟ ସେଣୁ,
ତୁମ୍ଭଙ୍କୁ ଆଶ୍ରୟ   କରୁ ଏ ଜଗତ—
ପ୍ରକାଶ, ସ୍ପନ୍ଦ ହେଣୁ ।

Digitized by srujanika@gmail.com

ତୁମ୍ଭେ ତ ଅନନ୍ତ- ମୂର୍ତ୍ତି, ଅବ୍ୟକ୍ତ
ବରଦ କୃପାସାଗର,
ସର୍ବାନ୍ତଃକରଣେ ରହିଛ ଆପଣେ
ତୁମ୍ଭଙ୍କୁ ମୋ ନମସ୍କାର।
ସହସ୍ରଶେଷ ତୁଣ୍ଡେ ନ ବର୍ଣ୍ଣିବ ତବ
ନ ଜାଣେ ଗୂଢ଼ ମରମ,
କହିବ ପ୍ରକାରେ ଜାଣି ମୁଁ ନ ପାରେଁ
କି ଅଛ ତୁମ୍ଭ ଧରମ।
ତୁମ୍ଭେ ସୃଷ୍ଟି ସ୍ଥିତି- ପ୍ରଳୟ-କର୍ତ୍ତା
ସକଳ ତତ୍ତ୍ୱେ ବସତି,
ସର୍ବ ଅନ୍ତର୍ଯାମି ହେ ପରମ ସ୍ୱାମି,
ଘେନ ମୋହର ଏ ପ୍ରଣତି।
ତବ ବିଶ୍ୱମୂର୍ତ୍ତି ପୂର୍ବେ ମୁଁ ଦେଖିଛି *
ତୁମ୍ଭେତ ସ୍ୱୟଂ ଈଶ୍ୱର,
ମାୟାରେ ମୋହିତ କରିଛ ଜଗତ
ଏବେ ଏ ଆକାର ଧର।
ଜାଣନ୍ତି ସକଳେ ତୁମ୍ଭେ ବୃଷ୍ଣିକୁଳେ
ଜାତ, ପାଣ୍ଡବଙ୍କ ସଖା,
ତୁମ୍ଭ ତତ୍ତ୍ୱ ମୁହିଁ କି ବର୍ଣ୍ଣିବି, ଯହିଁ
ଦେବେ ନ ଜାଣନ୍ତି ରେଖା।

---

*—ଏଥିପୂର୍ବେ ଭଗବାନ୍ ଶ୍ରୀକୃଷ୍ଣ ଶ୍ରୀମାନ୍ ଅର୍ଜ୍ଜୁନଙ୍କୁ ବିଶ୍ୱରୂପ ଦର୍ଶନ କରାଇ ଥିଲେ। ଏହା ଶ୍ରୀମଦ୍ ଭଗବଦ୍ ଗୀତା ନାମକ ଗ୍ରନ୍ଥରେ ସବିସ୍ତର ରୂପେ ବର୍ଣ୍ଣିତ ଅଛି। ବର୍ତ୍ତମାନ ଅର୍ଜ୍ଜୁନ ସେହିକଥା ଅର୍ଥାତ୍ ପୂର୍ବେ ଭଗବାନଙ୍କର ବିଶ୍ୱରୂପ ଦର୍ଶନ କରିଥିବାର କହିଲେ।

Digitized by srujanika@gmail.com

ଶ୍ରୀ ଭଗବାନୁବାଚ ।

ତହୁଁ ଭଗବାନ କହିଲେ, ଅର୍ଜୁନ !
ହେ ସଖେ, ଦିଅ ମନ,
ଯେବେ ଏ ତତ୍ତ୍ୱଜ୍ଞ ହୋଇଛ ସର୍ବଜ୍ଞ
ତେବେ ନ କର ଶୋଚନ ।
ଅମ୍ଭ ବିଶ୍ୱରୂପ ଯାହା ଦେଖିଅଛ
ତା' କେବଳ ମାୟାକାର,
ହେ କୌନ୍ତେୟ ! ତହିଁ ଭ୍ରାନ୍ତ ହୋଇଅଛ,
ସେ ନିଜ ରୂପ, ବିଚାର ।
ମାୟାରେ ମୋହିତ ହୁଅନ୍ତି ଯେ ମୂଢ଼,
ତତ୍ତ୍ୱଜ୍ଞ ମୋହ-ରହିତ,
ଏହି ଶାନ୍ତିଗୀତା ଅମୃତ କଥିତା
ଶାନ୍ତି-ଦାୟିନୀ ଭଣିତ ।
ଏହା ଯେ ଶୁଣଇ ଅଥବା ପଢ଼ଇ
ଭବ ବନ୍ଧନୁଁ ସେ ମୁକ୍ତ,
ମମ ମାୟାବଳେ ସେହୁ କେତେବେଳେ
ହୋଇ ନ ପାରେ ମୋହିତ ।
ଏହି ଶାନ୍ତିଗୀତା- ପ୍ରସାଦରୁ ଚିନ୍ତା-
ଦୂର ହୁଅଇ ନିଶ୍ଚୟ
ତାର ଅନ୍ତର୍ଜ୍ଞାନ ହେବାରୁ ସେ ଜନ
ହୁଏ ବିଶୋକ-ହୃଦୟ ।

ଶାନ୍ତିବ୍ରତ ଉବାଚ ।

ଶାନ୍ତିବ୍ରତ ଋଷି ଭାଷିଲେ ବିଶେଷି,
ଶୁଣ ଶୁଣ ହେ ସଜ୍ଜନ !

Digitized by srujanika@gmail.com

ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ଏପରି
ଭାଷି, ପ୍ରଫୁଲ୍ଲ ବଦନ,—
ଅର୍ଜୁନର କର ଧରି, ଯୁଧିଷ୍ଠିର-
ନିକଟକୁ ଘେନିଗଲେ—
ଏହି ଗୀତା ନାମ ଅଟେ ଶାନ୍ତି-ଧାମ
ଅତୀବ ଗୁପ୍ତ, ବୋଇଲେ ।
ଅମ୍ଭ ଗୁରୁଦେବ ଏ ଗୀତା ବିଭବ
ଯାହା ମୋତେ ଦେଇଥିଲେ,
ସ୍ନେହ ବଶଁ ତାହା କହିଦେଲି ମହା-
ରାଜ ! ତୁମ୍ଭଙ୍କୁ ସଧୀରେ ।
ଯେ ଜନ ନାସ୍ତିକ, ଶଠ, କୁତାର୍କିକ,
ମୂର୍ଖ, ନିର୍ଦ୍ଦୟ, ଉଦ୍ଧତ,
କଦାପି ତାହାକୁ ନ ଦେବ ଏହାକୁ
ମୋହେ କମ୍ବା ଅଜ୍ଞାନତଃ ।
ଯେ ଜନ ବିରକ୍ତ, ଶରଣ-ଆଗତ,
ମୁମୁକ୍ଷୁ, ଗୁରୁ-ଭକତ,
ଦେବଭକ୍ତ, ଶାନ୍ତ, ସରଳ, ବିନୀତ,
ଦୟାଶୀଳ, ଶୁଦ୍ଧାତ୍ମକ ।
ହିଂସା-କ୍ରୋଧ-ହୀନ, ସାଧୁ ବୋଲି ଜାଣ
ତାଙ୍କୁ ଏ ଗୀତା ପ୍ରଦାନ-
ଅବଶ୍ୟ କରିବ, ଅହେ ନରଦେବ,
ହୋଇଥାଅ ସାବଧାନ ।
ଏହି ଶାନ୍ତିଗୀତା ଅତୀବ ସୁଗୁପ୍ତା
ପୁଣି ଅତି ମନୋହରା,
ଶୋକଶାନ୍ତିକରୀ ଜ୍ଞାନଦୀପ ଜାଳି-
ଦିଏ, ହେ ସୁଜନ ! ବୁଝ ।

Digitized by srujanika@gmail.com

ଏହି ଶାନ୍ତିଗୀତା ଦେଙ୍କ ପ୍ରଣୀତା
ଶ୍ରୀ ମଧୁହାର-କଣ୍ଠତା,
ପାର୍ଥ ଶୋକଶାନ୍ତ କରିଣ ତଦନ୍ତ
ଯୋଗମାର୍ଗ-ପ୍ରସବିତା ।
ଏହା ଯେ ପଢ଼ଇ ଅଥବା ଶୁଣଇ
ତାର ପାପ-ତାପମାନ,
ଅବଶ୍ୟ ବିନାଶ ଲଭଇ, ଜ୍ଞାନାଶ—*
ଭୟ ନ ଥାଏ ସ୍ୱଜନ ! ।
ଅତିଗୁହ୍ୟତମ ସାରଭୂତ ଧର୍ମ
ଏ ଶାନ୍ତିଗୀତାର ମର୍ମ,
ସଦ୍‌ଗୁରୁ କୃପାରୁ ସ୍ୱୟଂ ଜାଣିବାରୁ
ଶାନ୍ତିଦ ସେ ଶାନ୍ତି କର୍ମ ।
ଏହି ଶାନ୍ତିଗୀତା ସଦ୍‌ଗୁଣାଶ୍ରିତା
ସ୍ୱର୍ଗୀୟ ପ୍ରଶ୍ନ ବଚନୁ,
ଅଜ୍ଞାନ ତିମିର— ଧ୍ୱଂସୀ ଭବନ୍ତର
ବ୍ରହ୍ମଜ୍ୟୋତିଃ ସ୍ୱରୂପରୁ—
ପ୍ରସୃତ ପାର୍ଥିବ ସବୁ କୃତ୍ୟକର
ହୋଇ ଅତି ହୃଷ୍ଟଚିତା,
ଗୁରୁ କୃପାଯୋଗେ ସ୍ୱୟଂ ପଦ୍ୟବନ୍ଧେ
ହୋଇଛନ୍ତି ଅବତୀର୍ଣ୍ଣା । ୬୬ ।
ବିପ୍ର ବାସୁଦେବ ଦ୍ୱିଜ ମହାଦେବ
ଏ ଶାନ୍ତିଗୀତା ପଠନ,
ସମାକୃଷ୍ଟାଙ୍କେ ରଚି ପଦ୍ୟାକାରେ
କରେ ପୁଣି ନିବେଦନ—

* ଜ୍ଞାନାଶ—ଯମ ।

Digitized by srujanika@gmail.com

ଯେଉଁ ଶାନ୍ତିବାଣୀ, କୃଷ୍ଣ ମୁଖ ଧ୍ୱନି
ସଖା ଅର୍ଜୁନେ ନ ଜାଣି,
ତା' ତତ୍ତ୍ୱ ବିସ୍ତର, ଭାଷାରେ ପ୍ରସ୍ତର,-
ଏ ଦୋଷ କ୍ଷମ ସୁଜ୍ଞଙ୍କ ।
ଏ ଗୀତା ପଠନ କଲେ ସାଧାରଣ-
ହୃଦ-କମଳ-ତପନ,
ଅଜ୍ଞାନ-ମଳିନ- ତମୋ ନାଶି, ଜନ
କରିବ ମୋଦ ବର୍ଦ୍ଧନ ।
ଅଜ୍ଞଙ୍କର ଜ୍ଞାନ, ଜ୍ଞାନୀଙ୍କର ଧ୍ୟାନ
ଅଣୁମ୍ନ ବୃଦ୍ଧି ଲଭିବ,
ଭାଷାବନ୍ଧେ ସ୍ଥିତି ଏ ଶାନ୍ତି ସୁଗନ୍ଧ
ଶ୍ରୀ ବସ-ହୃଦେ ସଞ୍ଚବ ।
ପୁଷ୍କଳ କୋଷ୍ଟ- ପ୍ରଗନା ଉତ୍କୃଷ୍ଟ
* ଭୀମାଗ୍ର ପୁର ନିବାସୀ,
ବାସୁଦେବ ରଥ ଦଣ୍ଡଶ୍ରେଣ୍ୟ ଜାତ
ଋଷି କୁଳ ଯଥା ରବି—
କବିରାଜ-ସଜ ବାଲୁକେଶ ଦ୍ୱିଜ—
ସ୍ନେହେ ଅଙ୍କୁର ଭକ୍ତରେ
ଏ ଶାନ୍ତି-ପାଠନ କର ସମାପନ
ଭବସେବିଙ୍କ ହିତରେ ।

ଇତ୍ୟଧ୍ୟାତ୍ମ ବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀ ବାସୁଦେବାର୍ଜ୍ଜୁନ-
ସମ୍ବାଦେ ଶାନ୍ତିଗୀତାୟାଂ ସପ୍ତମୋଽଧ୍ୟାୟଃ । ୭ ।
ସମ୍ପୂର୍ଣ୍ଣେୟଂ ଶାନ୍ତିଗୀତା ।

---

* ଭୀମାଗ୍ର ପୁର — ଏହାର ପ୍ରକାଶ୍ୟ ନାମ ଭିଙ୍ଗାର ପୁର । କାରଣ, ଭୀମ (ମହାଦେବ), ଅଜେତ୍ୟ ପ୍ରସିଦ୍ଧ ସ୍ୱୟମ୍ଭୂ ଶ୍ରୀ ବଟେଶ୍ୱର ଦେବ, ଏହି ପୁର ବା ଗ୍ରାମର ଅଗ୍ର ବା ଶୀର୍ଷ ସ୍ଥାନରେ ଅଧିଷ୍ଠାତ୍ରୀ ଦେବତା-ରୂପେ ବିରାଜମାନ ।

Ptd. by Nityanand Saboo A. Press Cuttack

Digitized by srujanika@gmail.com

ବିଜ୍ଞାପନ

ନିମ୍ନଲିଖିତ ପୁସ୍ତକମାନ କଟକ ଅରୁଣୋଦୟ ଯନ୍ତ୍ରାଳୟର ପୁସ୍ତକାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି ।

ଶାନ୍ତିଗୀତା	ଟ ୦ ୵
ତ୍ରିକର୍ମ ପଦ୍ଧତି	ଟ ।୵
ଉପାସନାପଦ୍ଧତି	ଟ ୵
ନାରୀଧର୍ମ	ଟ ୵
କୃଷ୍ଣାଙ୍କ ଭକ୍ତି ଶ୍ଳୋକମାଳା (ପଦ୍ୟସହ)	ଟ ୦ ।୵
ମେଘଦୂତଂ (ପଦ୍ୟାନୁବାଦସହ)	ଟ ୦ ।/
କପିଳେଶ୍ୱର ଜଣାଣ	ଟ ୦ /
କାଳିକାଦେବୀ ଜଣାଣ	ଟ ୦ ‹ ୧
ଷଷ୍ଠୀ ଜଣାଣ	ଟ ୦ ‹୬
ସ୍ୱଗତୋକ୍ତି	ଟ ୦ /୨
ସଙ୍ଗୀତ ମଙ୍ଗଳାଚରଣ (ପଞ୍ଚଦେବତାଙ୍କର ଉଦ୍ଦେଶ୍ୟ)	
ଗୃହକଥା	ଟ ୦ /
ହଂସଦୂତ (ପଦ୍ୟାନୁବାଦ)	ଟ ୦ ।୵
ଅଙ୍କୁର (ସାହିତ୍ୟିକ ପଦ୍ୟ)	ଟ ୦ ।
ଶ୍ରାବଣ (କାବ୍ୟ, ସାହିତ୍ୟିକ)	ଟ ୦ ୵
କୌତୁକ ସାଗର କାବ୍ୟ (ଅପୂର୍ବ ଗ୍ରନ୍ଥ)	ଟ ୦ ୵।୵
ଦୈବଜ୍ଞ ପ୍ରଶ୍ନ ଗଣନା	ଟ ୦ ।୵
ଅଦୃଷ୍ଟ ଦେଶୀୟ ନାଟକ	ଟ ୦
ଜ୍ଞାନଦର୍ପଣ	ଟ ୦ ୵

ଅରୁଣୋଦୟ ପ୍ରେସ } ଶ୍ରୀ ନାରାୟଣଚନ୍ଦ୍ର
ଚାନ୍ଦିବଜାର—କଟକ । } ମ୍ୟାନେଜର ।

Digitized by srujanika@gmail.com